## ସଂକ୍ଷେପରେ

### ଗାଳି ଗୁଲଜ କରି ଶିକ୍ଷକ ନିଲମ୍ବିତ

**ଫିରିଙ୍ଗିଆ,୯।୮:** ଗୋଟିଏ ବିଦ୍ୟାଳୟର ଶିକ୍ଷକ ଅନ୍ୟ ବିଦ୍ୟାଳୟକୁ ଯାଇ ସେଠାରେ ଥିବା ଶିକ୍ଷକ ଏବଂ ପିଲାମାନଙ୍କୁ ଗାଳି ଗୁଲଜ କରିବା ମହଙ୍ଗା ପଡିଛି । ଏ ନେଇ ଫିରିଙ୍ଗିଆ ବ୍ଲକ ଶିକ୍ଷାଧିକାରୀଙ୍କ ପାଖରେ ଅଭିଯୋଗ ହେବାରୁ ସମ୍ପୃକ୍ତ ଶିକ୍ଷକଙ୍କୁ ନିଲମ୍ବିତ କରାଯାଇଛି। ସେ ହେଲେ ପାଦେରିପଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ସଞ୍ଜୟ କୁମାର ଦିଗାଲ। ମିଳିଥିବା ସୂଚନା ଅନୁଯାୟୀ, ଶିକ୍ଷକ ଦିଗାଲ କିଛିଦିନ ତଳେ ଡିଣ୍ଡିରାଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଯାଇଥିଲେ। ସେଠାରେ କିଛି କାରଣ ନ ଥାଇ ଶିକ୍ଷକମାନଙ୍କୁ ଗାଳି ଗୁଲଜ କରି ପିଲାମାନଙ୍କୁ ପଢ଼ାଇବାକୁ କହିଥିଲେ। ଘଟଣା ନେଇ ବିଇଓଙ୍କ ପାଖରେ ଅଭିଯୋଗ ହୋଇଥିଲା। ବିଇଓ ବିନୋଦ କୁମାର ଦିଗାଲ ତଦନ୍ତ ପରେ ସଞ୍ଜୟଙ୍କୁ ନିଲମ୍ବିତ କରିଛନ୍ତି। ଅନ୍ୟାଦେଶ ପର୍ଯ୍ୟନ୍ତ କରଣ୍ଡାଗଡ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଯାଇ କାର୍ଯ୍ୟ କରିବାକୁ ନିର୍ଦ୍ଦେଶନାମାରେ ଉଲ୍ଲେଖ କରିଛନ୍ତି।

### ବାଇକ୍‌ରୁ ଖସି ମହିଳା ଗୁରୁତର

**ବେଗୁନିଆପଡ଼ା,୯।୮(ଡି.ଏନ.ଏ.):** ବେଗୁନିଆପଡ଼ା ଫାଣ୍ଡି ଏସ୍.ଛଚିନା ହାଇସ୍କୁଲ ନିକଟରେ ଶୁକ୍ରବାର ପୂର୍ବାହ୍ନରେ ବାଇକରୁ ଖସିପଡି ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଖଲ୍ଲିକୋଟ ଥାନା ଅନ୍ତର୍ଗତ ତାଳପଡା ଗ୍ରାମର ସୁନିତା ସାହୁ (୪୦)। ସୁନିତାଙ୍କ ସ୍ୱାମୀ ଦୀର୍ଘ ୩ ବର୍ଷ ହେବ ନିଖୋଜ ଅଛନ୍ତି। ସ୍ୱାମୀଙ୍କ ବିଷୟ ଜାଣିବା ପାଇଁ ସେ ବାପାଙ୍କ ସହ ବାଇକରେ ଜଣେ ଜ୍ୟୋତିଷଙ୍କ ନିକଟକୁ ଯାଇଥିଲେ। ଫେରୁଥିବାବେଳେ ହାଇସ୍କୁଲ ନିକଟସ୍ଥ ହମ୍ପସ୍‌ରେ ବାଇକରୁ ଖସି ପଡିଥିଲେ। ମୁଣ୍ଡରେ ଗଭୀର ଆଘାତ ଲାଗିଥିବାବେଳେ ତାଙ୍କୁ କୋଦଳା ମେଡିକାଲ ଓ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡମେଡିକାଲକୁ ପଠାଯାଇଥିଲା।

### ନୂତନ ଥାନା ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

**ଆସିକା,୯।୮(ଡି.ଏନ୍.ଏ.):** ଆସିକାରେ ନୂତନ ଥାନା ଅଧିକାରୀ ଭାବେ ପ୍ରଶାନ୍ତ କୁମାର ସାହୁ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଠାରେ ଥିବା ଥାନା ଅଧିକାରୀ ପୀତବାସ ଧାରୁଆଙ୍କ କୋରାପୁଟ ବଦଳି ହୋଇଯାଇଛି। ୨୦୦୫ରେ ଆସିକା ଥାନାରୁ ସବ୍‌ଇନ୍ସପେକ୍ଟର ଭାବେ ଚାକିରି ଆରମ୍ଭ କରିଥିବା ସାହୁଙ୍କ ଅଞ୍ଚଳ ସମ୍ପର୍କରେ ପୂର୍ବରୁ ଧାରଣା ଥିବାରୁ ଆଇନଶୃଙ୍ଖଳା ରକ୍ଷା ଦିଗରେ ଯଥେଷ୍ଟ ସହାୟକ ହେବ ବୋଲି ଆଶା କରାଯାଉଛି। ଆସିକା ଅଞ୍ଚଳର ଆଇନଶୃଙ୍ଖଳା ରକ୍ଷା ଦିଗରେ ଧ୍ୟାନ ଦେବେ ବୋଲି ସେ ପ୍ରକାଶ କରିଛନ୍ତି।

### ବର୍ଜ୍ୟବସ୍ତୁ ପରିଚାଳନା ନେଇ ସ୍ୱତନ୍ତ୍ର ଗ୍ରାମସଭା

**ଧରାକୋଟ,୯।୮(ଡି.ଏନ୍.ଏ.):** ଧରାକୋଟ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବୁଧବାର ବର୍ଷା ଋତୁରେ ପରିମଳ ବ୍ୟବସ୍ଥା ଓ ବର୍ଜ୍ୟବସ୍ତୁ ପରିଚାଳନା ସଂକ୍ରାନ୍ତିୟ ଏକ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ଦିଲୀପ କୁମାର ସ୍ୱାଇଁ ସଭାପତିତ୍ୱ କରିଥିବାବେଳେ ଜଳ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଚିନ୍ମୟୀ କୁମାରୀ ରାଉତ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବରାଜ ନାୟକ, ଶିକ୍ଷକ ଡ. ବିମଳ ପ୍ରସାଦ ପଟ୍ଟନାୟକ, ଶିକ୍ଷକ ସୁରେଶ ପାଣିଗ୍ରାହୀ, ସୁରେନ୍ଦ୍ର ପଣିଗ୍ରାହୀ, ଗ୍ରାମ ରୋଜଗାର ସେବକ ମହେନ୍ଦ୍ର ପାତ୍ର, ପ୍ରମୁଖ ମଞ୍ଚାସୀନ ରହି ବର୍ଷାଋତୁରେ ପରିମଳରେ ସୁଧାରିକରଣ ନେଇ ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ ବର୍ଜ୍ୟବସ୍ତୁ ପରିଚାଳନା, ଗ୍ରାମାଞ୍ଚଳର ପରିବେଶ ସ୍ୱଚ୍ଛତା ନେଇ ଅଲୋଚନା ହୋଇଥିଲା। ଏଥିରେ ବ୍ଲକର ବହୁ ଶିକ୍ଷୟିତ୍ରୀ ଶିକ୍ଷକ ଅଙ୍ଗନବାଡି କର୍ମୀ, ପଞ୍ଚାୟତ ଅନ୍ତର୍ଗତ ଓ୍ୱାର୍ଡମେମ୍ବର ଏବଂ ବହୁ ଗ୍ରାମବାସୀ ଏହି କର୍ଯ୍ୟକ୍ରମରେ ଯୋଗଦେଇଥିଲେ।

### ରକ୍ତଦାନ ଶିବିର

**ଆସିକା,୯।୮(ଡି.ଏନ୍.ଏ.):** ଆସିକା ବ୍ଲକର ପାଣ୍ଡିଆପଥର ଠାରେ ଶୁକ୍ରବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୫୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିବା ଜଣାଯାଇଛି। ସରପଞ୍ଚ ନୀଳାଞ୍ଚଳ ଗୌଡଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ମୁଖ୍ୟଅତିଥି ରୂପେ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ୍ ଅଧକ୍ଷ ହରେକୃଷ୍ଣ ମଲିକ ଯୋଗ ଦେଇଥିଲେ।

# ଅବ୍ୟବସ୍ଥାରେ କୁଡୁତୁଲି ଆଦର୍ଶ ବିଦ୍ୟାଳୟ

**କ.ନୂଆଗାଁ,୯।୮(ଡି.ଏନ.ଏ.)**

ଗ୍ରାମାଞ୍ଚଳର ଛାତ୍ରୀଛାତ୍ରମାନଙ୍କ ଉନ୍ନତମାନର ଶିକ୍ଷାଦାନ ଲାଗି ସରକାର ପ୍ରତି ବ୍ଲକରେ ଆଦର୍ଶ ବିଦ୍ୟାଳୟ ଖୋଲିଛନ୍ତି । ଛାତ୍ରୀଛାତ୍ର ଏହି ବିଦ୍ୟାଳୟରେ ମାଗଣରେ ପାଠପଢ଼ିବା ସହ ଖାଇବା ଦାୟିତ୍ୱ ସରକାର ବହନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସରକାରଙ୍କ ଏଭଳି ପଦକ୍ଷେପକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଥିଲା । ଏପ୍ରିଲ ମାସରେ ଚୟନ ପରୀକ୍ଷା କରାଯାଇ ଯୋଗ୍ୟ ୮୦ ଛାତ୍ରୀଛାତ୍ରଙ୍କୁ ନାମ ଲେଖାଇବାକୁ ସୁଯୋଗ ଦିଆଗଲା । ଗତ ୨୧ ଜୁଲାଇରେ ବିଦ୍ୟାଳୟ ଖୋଲିଲା । କିନ୍ତୁ ଶିକ୍ଷାଦାନ କରିବା ପାଇଁ କୌଣସି ନିୟମିତ ଶିକ୍ଷକ ଯୋଗ ଦେଲେ ନାହିଁ । ଫଳରେ ଜିଲା ଶିକ୍ଷା ଅଧିକାରୀ, ପ୍ରାଥମିକ ବିଦ୍ୟାଳୟ ସ୍ତରର ଶିକ୍ଷୟିତ୍ରୀ ସୁଭାଷିନୀ ପାତ୍ର, ଅନୀତା ପାତ୍ର, ଅକ୍ଷୟ କୁମାର ନାୟକ, ଶୀତୁ ପ୍ରକାଶ ରଥଙ୍କୁ ଶିକ୍ଷାଦାନ କରିବା ପାଇଁ ଡେପୁଟେସନରେ


ଗଛମୂଳେ ମଧ୍ୟାହ୍ନଭୋଜନ ରୋଷେଇ ଚାଲିଛି।

ପଠାଇଲେ। ତେବେ ୨ ଜଣ ଶିକ୍ଷାଦାନ କରିବା ପାଇଁ ବିଦ୍ୟାଳୟରେ ଯୋଗ ଦେଇଥିବା ବେଳେ ଅନ୍ୟ ୨ ଜଣ ଏ ପର୍ଯ୍ୟନ୍ତ ଯୋଗଦେଲେ ନାହିଁ। ଏ ନେଇ ଏବିଇଓ ଚୈତନ୍ୟ କହଁରଙ୍କୁ ପଚାରିବାରୁ ସେହି ଦୁଇ ଜଣଙ୍କୁ ଶିକ୍ଷାଦାନ କରିବା ପାଇଁ ଚିଠି କରାଯାଇଥିଲା। କିନ୍ତୁ ସେମାନେ ନ ଆସିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ସହ ଶିକ୍ଷକ ଦିଲୀପ ପ୍ରଧାନ ଓ ରାଜେନ୍ଦ୍ର କୁମାର ତ୍ରିପାଠୀଙ୍କୁ ଶିକ୍ଷାଦାନ କରିବା ପାଇଁ ଚିଠି କରାଯାଇଛି। ପ୍ରତ୍ୟେକ ବିଷୟ ପାଇଁ ଜଣେ ନିୟମିତ ଶିକ୍ଷକ ରହିବା କଥା ମାତ୍ର ଶିକ୍ଷା ବିଭାଗର ଅଧିକାରୀ ମାତ୍ର ୪ ଜଣଙ୍କ ଡେପୁଟେସନରେ ଦେଇ କେବଳବିଦ୍ୟାଳୟ ଖୋଲିବାର ବନ୍ଦୋବସ୍ତ କରିଛନ୍ତି । ବର୍ତ୍ତମାନ ସୁଦ୍ଧା ରାଜନୀତି ବିଜ୍ଞାନ ଓ ସାହିତ୍ୟ ବହି ଛାତ୍ରୀଛାତ୍ରଙ୍କୁ ମିଳିନାହିଁ । ସେଭଳି ବିଦ୍ୟାଳୟରେ ପାନୀୟ ଜଳ ପାଇଁ ନଳକୂପ ନାହିଁ କି କୂଅ ନାହିଁ । ଫଳରେ ଛାତ୍ରୀଛାତ୍ରମାନେ ନଦୀର ଜଳ ବ୍ୟବହାର କରୁଛନ୍ତି । ରୋଷେଇ ଶାଳ ନଥିବାରୁ ଗଛେ ମୂଳେ ମଧ୍ୟାହ୍ନ ଭୋଜନ ରନ୍ଧା ଯାଉଛି । ବିଦ୍ୟୁତ, ଖେଳ ପଡ଼ିଆ ମଧ ନାହିଁ। ବିଦ୍ୟାଳୟର ଅଧକ୍ଷଙ୍କୁ ଏ ସମ୍ପର୍କରେ ପଚାରିବାରୁ ବହୁବାର ଏହି ସବୁ ସମସ୍ୟା ସମ୍ପର୍କରେ ଅଧିକାରୀଙ୍କୁ ଜଣାଇଛୁ । ହେଲେ ଏହାର କୌଣସି ପ୍ରତିକାର କରାଯାଇନାହିଁ ବୋଲି କହିଥିଲେ। ତେଣୁ ଜିଲାପାଳଏହି ସମସ୍ୟାଗୁଡିକୁ ଶୀଘ୍ର ସମାଧାନ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି।

# ବର୍ଷାରେ ଭୁଶୁଡ଼ିଲା ସାଇଡ୍ ୱାଲ୍

■ ନିମ୍ନମାନର କାମ ଅଭିଯୋଗ

**ହାତୀଓଟ,୯।୮**

ଗଞ୍ଜାମ ଜିଲା ପୋଲସରା ବ୍ଲକ ହାତୀଓଟ ଠାରୁ ସୁବଳୟା ପର୍ଯ୍ୟନ୍ତ ନୂତନ ରାସ୍ତା ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣ କରାଯାଉଛି। କାମ କରୁଥିବା ଠିକା କମ୍ପାନୀ ଧୋୟାକଣା ଗ୍ରାମରେ ପ୍ରାୟ ୧୫୦ ମିଟରରୁ ଉର୍ଦ୍ଧ୍ୱ ଲମ୍ବାର ସାଇଡ୍ ୱାଲ୍ ନିର୍ମାଣ କରିଥିଲା । ଚଳିତ ବର୍ଷାରେ ଏହା ଭୁଶୁଡି ପଡିଛି। ଧୋୟାକଣା ଗ୍ରାମବାସୀ ଠିକା କମ୍ପାନୀ ନିମ୍ନମାନର କାମ କରିଥିବା ଯୋଗୁ ଏହା ଭୁଶୁଡି ପଡିଥିବା ଅଭିଯୋଗ କରିଛନ୍ତି। ଠିକା କମ୍ପାନୀ ରାସ୍ତା ପାର୍ଶ୍ୱଦେଇ ଯାଇଥିବା କୁସୁମି ନାଳର ଜମିସ୍ତରରୁ କାନ୍ଥରେ କାର୍ଯ୍ୟ ଆରମ୍ଭ କରି ଶେଷ କରିଥିବାରୁ ନାଳରେ ପାଣି ଅଧିକ ହେବାରୁ କାନ୍ଥ ଭୁଶୁଡି ପଡିଛି ବୋଲି ଅଭିଯୋଗ କରିଛନ୍ତି। ପୂର୍ତ୍ତ ବିଭାଗ ଯନ୍ତ୍ରୀ ଓ ଏସ୍‌ଡିଓଙ୍କୁ ଯୋଗାଯୋଗ କରିବାରୁ ଉଭୟେ କହିଛନ୍ତି ଯେ, କାମ ନିମ୍ନମାନର ହୋଇନାହିଁ। ନାଳରେ ଅଧିକ ପାଣି ଆସିବାରୁ ସାଇଡ୍ କାନ୍ଥଟି ଭୁଶୁଡି ପଡିଛି। ନିମ୍ନମାନର କାମ ସହ କାନ୍ଥର ଗଭୀର କମାଇ ଦେଇଥିବାରୁ ଭୁଶୁଡି ପଡିଲା ବୋଲି ଗ୍ରାମବାସୀ କହିଛନ୍ତି।

# ନିର୍ମାଣର ୪ଦିନ ପରେ ଭୁଶୁଡ଼ିଲା ପାଇଖାନା


ଭୁଶୁଡ଼ି ପଡ଼ିଥିବା ପାଇଖାନା।

**ପୁରୁଷୋତ୍ତମପୁର,୯।୮(ଡି.ଏନ୍.ଏ.)**

ସରକାରଙ୍କ ମୋ ସ୍ୱାଭିମାନ ସ୍ୱଚ୍ଛ ଭାରତ ଯୋଜନାରେ ହିତାଧିକାରୀଙ୍କୁ ପାଇଖାନା ନିର୍ମାଣ ପାଇଁ ସରକାର ଅନୁଦାନ ଦେଉଛନ୍ତି। ମାତ୍ର ଅନୁଦାନ ଅର୍ଥ ହିତାଧିକାରିଙ୍କୁ ଦେବା ବଦଳରେ ବ୍ଲକ ପ୍ରଶାସନ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଜରିଆରେ ଠିକାରେ ପାଇଖାନା ନିର୍ମାଣ କରିବାରେ ଲାଗିଛନ୍ତି। କାମ ଏପରି ହେଉଛି ଯେ, ନିର୍ମାଣର ୪ଦିନ ପରେ ଭୁଶୁଡି ପଡୁଛି। ଏଭଳି ଘଟଣା ଦେଖିବାକୁ ମିଳିଛି ପୁରୁଷୋତ୍ତମପୁର ବ୍ଲକ କେ.ଏନ୍.ପୁର ପଞ୍ଚାୟତର ବାଲିଆ ଗ୍ରାମଛକର ଅନୁସୂଚିତ ଜାତି ବସ୍ତିରେ। ପ୍ରଶାସନ ପକ୍ଷରୁ ପାଇଖାନା ନିର୍ମାଣ କରାଯାଇଥିବାବେଳେ ଫାଉଣ୍ଡେସନ ନ କରି ମାଟି ଉପରେ କାନ୍ଥ ଆରମ୍ଭ କରାଯାଇଥିଲା। ହିତାଧିକାରୀ ଅଭିଯୋଗ କଲେ ମଧ ଗୁରୁତ୍ୱ ଦେଇ ନ ଥିଲେ। ଫଳରେ ନିର୍ମାଣର ୪ଦିନ ନ ପୁରୁଣୁ ଭୁଶୁଡି ପଡିଛି ପାଇଖାନା। ଗଞ୍ଜାମ ଜିଲାପାଳ, ପିଡି ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାସହ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ବିଡିଓ ସତ୍ୟସୁନ୍ଦର ରାଉତଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଯେଉଁ ହିତାଧିକାରୀଙ୍କର ପାଇଖାନା ଭୁଶୁଡି ପଡିଛି ତାଙ୍କୁ ପାଇଖାନା ଗୃହ ହସ୍ତାନ୍ତର କରିବାପରେ ସେ ନିଜେ ସେହି ଗୃହ ପାଶ୍ୱରେ ଅଧିକା ଖୋଲି ଦେଲେ ତେଣୁ ତାହା ଭୁଶୁଡି ପଡିଛି। ଅନ୍ୟ ପାଇଖାନା ନିମ୍ନମାନର କାମ ହୋଇଥିଲେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ।

# ଶେରଗଡ ପଞ୍ଚାୟତ ସମିତି ବୈଠକ


ପଞ୍ଚାୟତ ସମିତି ବୈଠକରେ ଯୋଗଦେଇଥିବା ଅଧିକାରୀ ଓ ଅଧକ୍ଷା।

**ଶେରଗଡ,୯।୮(ଡି.ଏନ.ଏ.)**

ଶେରଗଡ ପଞ୍ଚାୟତ ସମିତି ବୈଠକ ଶୁକ୍ରବାର ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ସାରସ ସ୍ୱାଇଁ ଅଧକ୍ଷତା କରିଥିବାବେଳେ ବିଡିଓ ସୁରଞ୍ଜନ କୁମାର ସାହୁ ସଂଯୋଜନା କରିଥିଲେ। ପୂର୍ବ ବୈଠକର ବିବରଣୀ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ବିନାୟକ ପଣ୍ଡା ପାଠ କରିଥିଲେ। ବହୁ ଗାଁରେ ବିଦ୍ୟୁତ୍ ତାର ଓହଳି ରହିଥିବାରୁ ତୁରନ୍ତ ଏହାକୁ ସଜାଡିବାକୁ ସରପଞ୍ଚମାନେ ଦାବି କରିଥିଲେ। କୃଷି ବିଭାଗରେ ହେଉଥିବା ଯୋଜନା ସମ୍ପର୍କରେ ସହକାରୀ କୃଷି ଅଧିକାରୀ ସୁବ୍ରତ କୁମାର ବାରିକ କହିଥିଲେ। କମିଟି ଗଠନ କରାଯାଇ ଅଯୋଗ୍ୟ ହିତାଧିକାରୀଙ୍କ ତାଲିକା ଯାଞ୍ଚ ପରେ ପ୍ରକୃତ ହିତାଧିକାରୀଙ୍କୁ କାଳିଆ ଯୋଜନା ଅର୍ଥ ଦିଆଯିବ ବୋଲି କୁହାଯାଇଥିଲା। ସୋମବାରରୁ ୱେବସାଇଟ ଖୋଲିବାପରେ ଅଭିଯୋଗ ଗ୍ରହଣ କରାଯିବ ବୋଲି ଯୋଗାଣ ନିରୀକ୍ଷକ ଶରତ କୁମାର ରାଉତ କହିଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଅର୍ଥ ଅଛି କାମ ପଞ୍ଚାୟତମାନେ କରିବାକୁ ଯନ୍ତ୍ରୀ ମହୀନ୍ଦ୍ର କୁମାର ଷଡଙ୍ଗୀ କହିଥିଲେ। ଶେରଗଡରେ ସିଡିପିଓ ନ ଥିବାରୁ ତୁରନ୍ତ ନୂତନ ସିଡିପିଓ ନିଯୁକ୍ତି ପାଇଁ ସରପଞ୍ଚମାନେ ଦାବି କରିଥିଲେ। ଶେରଗଡର ଡ୍ରେନେଜ୍ ବ୍ୟବସ୍ଥା, ରାସ୍ତାକାମ ତୁରନ୍ତ ସାରିବାକୁ ଗୃହରେ ଉଦବେଗ ପ୍ରକାଶ କରାଯାଇଥିଲା। ବୈଠକରେ ବ୍ଲକ ଉପାଧକ୍ଷ ବିଶ୍ୱନାଥ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ପାତ୍ର, ପ୍ରମୋଦ କୁମାର ସାହୁ, ତହସିଲଦାର ଡ.ଦୟାସିନ୍ଧୁ ପରିଡାଙ୍କ ସମେତ ବହୁ ବିଭାଗିୟ ଅଧିକାରୀ ଯୋଗ ଦେଇଥିଲେ।

# ଜମିରୁ ଜଳ ନିଷ୍କାସନ ପାଇଁ ଦାବିପତ୍ର

**ଗଞ୍ଜାମ,୯।୮(ଡି.ଏନ.ଏ.)**

ଲଘୁଚାପ ଜନିତ ଲଗାଣ ବର୍ଷାରେ ଗଞ୍ଜାମ ବ୍ଲକର ବିଭିନ୍ନ ଅଞ୍ଚଳର ଚାଷଜମିଗୁଡ଼ିକ ଜଳମଗ୍ନ ହୋଇଛି । ଜାତୀୟ ରାଜପଥ ପାର୍ଶ୍ୱରେ ଥିବା କଲଭର୍ଟ ଗୁଡ଼ିକର ରକ୍ଷଣାବେକ୍ଷଣ ଠିକ୍ ଭାବେ କରାଯାଉ ନ ଥିବା ଯୋଗୁ ଅସୁବିଧା ଭୋଗୁଛନ୍ତି ଚାଷୀ। ବର୍ଷା ଛାଡ଼ି ଯାଇଥିଲେ ମଧ ଚାଷୀଙ୍କ ଦୁର୍ଦ୍ଦଶା ବଢ଼ିଛି। ବର୍ଷାଜଳ ଧାନରୁଆ ଚାଷ ଜମିରେ ନିଷ୍କାସିତ ହୋଇ ନ ପାରିବାରୁ ଧାନତଳି ନଷ୍ଟ ହେବାକୁ ବସିଲାଣି। ଏନେଇ ଶୁକ୍ରବାର ହୁମ୍ମା ଗ୍ରାମବାସୀ ଗଞ୍ଜାମ ତହସିଲଦାର ଅବନୀ କୁମାର ସାହୁଙ୍କୁ ଭେଟି ଚାଷଜମିରୁ ବର୍ଷାଜଳ ନିଷ୍କାସନ ପାଇଁ ପଦକ୍ଷେପ ଗ୍ରହଣ କରିବା ଲାଗି ଦାବିପତ୍ର ପ୍ରଦାନ କରିଛନ୍ତି। ହୁମ୍ମା ଅଞ୍ଚଳ ଭଳି ପୁଇଁତୋଳା, ଝାଡୁକୁଦା ଆଦି ଅଞ୍ଚଳରେ ଥିବା ଚାଷ ଜମିରେ ବର୍ଷାଜଳ ଜମି ରହିଥିବା ଦେଖିବାକୁ ମିଳିଛି। ଯୁଦ୍ଧକାଳିନ ଭିତ୍ତିରେ ରୋଡ ପାର୍ଶ୍ୱରେ ଥିବା କଲଭର୍ଟ ସଫା କରାନଗଲେ ଧାନତଳି ପଚିଯିବା ସମ୍ଭାବନା ରହିଛି ବୋଲି ଲୋକନାଥ ସାହୁ, ବିଶ୍ୱନାଥ ବେହେରା, ପଙ୍କଜ କୁମାର ସାହୁ, ଅନାଥ ସାହୁ ପ୍ରମୁଖ କହିଥିଲେ।

# ଯୁବତୀଙ୍କୁ ହତ୍ୟା ଧମକ: ଅଭିଯୁକ୍ତ ଗିରଫ

**ହିଞ୍ଜିଳିକାଟୁ,୯।୮(ଡି.ଏନ୍.ଏ.)**

ହିଞ୍ଜିଳି ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଅଶ୍ଳୀଳ ବ୍ୟବହାର ଓ ହତ୍ୟା ଧମକ ଦେବା ଅଭିଯୋଗରେ ହିଞ୍ଜିଳି ପୋଲିସ ଶୁକ୍ରବାର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ହିଞ୍ଜିଳି ଥାନା ଅଞ୍ଚଳର ରାମ ପ୍ରସାଦ ସାହୁ (୨୯)। ଏହି ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବୁଧବାର ସନ୍ଧ୍ୟାରେ ଏକୁଟିଆ ଦେଖି ଅଭିଯୁକ୍ତ ଅଶ୍ଳୀଳ ବ୍ୟବହାର କରିବା ସହ ହତ୍ୟା ଧମକ ଦେଇଥିବା ନେଇ ଯୁବତୀ ଶୁକ୍ରବାର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ କ୍ରମେ ଥାନାରେ ନଂ.୨୦୧/୧୯ ରେ ମାମଲା ରୁଜୁ କରି ଅଭିଯୁକ୍ତ ସାହୁଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଭାରପ୍ରାପ୍ତ ଅଧିକାରୀ ଅଭିମନ୍ୟୁ ଦାସ କହିଛନ୍ତି ।

# ୫୨ ୟୁନିଟ ରକ୍ତ ସଂଗ୍ରହ


ରକ୍ତ ସଂଗ୍ରହ କରାଯାଉଛି।

**ଫିରିଙ୍ଗିଆ, ୯।୮**

ଫିରିଙ୍ଗିଆ ବ୍ଲକ ପବିଙ୍ଗିଆ ପଞ୍ଚାୟତ କାର୍ଯ୍ୟାଳୟରେ ଗୁରୁବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଗାଁ କଲ୍ୟାଣ ସମିତି ଓ ପଞ୍ଚାୟତ କାର୍ଯ୍ୟାଳୟ ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ଏହି ଶିବରକୁ ବିଡିଓ ପ୍ରବୀଣ କୁମାର ବାଣୁଆ ଉଦ୍‌ଘାଟନ କରିଥିଲେ। ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା. ଜେ. ସାଇ ରଜତ ରଶ୍ମୀ, ଜିଲା ରକ୍ତ ଭଣ୍ଡାର ଅଧିକାରୀ ଡା. ଜି.କେ. ପଣ୍ଡା, ସରପଞ୍ଚ ପ୍ରମିଳା କହଁର, ପଞ୍ଚାୟତ ନିର୍ବାହୀ ଅଧିକାରୀ ଜଗନ୍ନାଥ ରଣା, ଜିକେଏସ ପରିଚାଳକ ଦୁଷ୍ମନ୍ତ ସୂତାର, ଆଶା ପରିଚାଳକ ଶ୍ରୀଧର ସ୍ୱାଇଁ, ବିପିଏମ ଅଜୟ କୁମାର ସାହୁ, ବିଡିଏମ ନିରଞ୍ଜନ ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଶିବିରରେ ମୋଟ ୫୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏଏନ୍‌ଏମ୍ ସୁଜାତା ବେହେରା ଓ ମାଣ୍ଡ୍ରିପଡା ଏଏନ୍‌ଏମ୍ ଝିଲି ନାୟକ ଶିବିର ପରିଚାଳନା କରିଥିବା ବେଳେ ଅଙ୍ଗନୱାଡି, ଆଶା କର୍ମୀ ଓ ଗାଁ କଲ୍ୟାଣ ସମିତିର ସଦସ୍ୟମାନେ ରକ୍ତଦାନ କରିଥିଲେ ।

# ୨ ବର୍ଷ ବିତିଲାଣି ଗଠନ ହୋଇପାରୁନି ଏସ୍‌ଏମ୍‌ଡିସି

**ପୋଲସରା,୯।୮(ଡି.ଏନ.ଏ.)**

ରାଜ୍ୟ ସରକାର ବିଦ୍ୟାଳୟ ମାନଙ୍କର ସୁପରିଚାଳନା ଲାଗି ବିଦ୍ୟାଳୟ ପରିଚାଳନା କମିଟି (ଏସ୍‌ଏମ୍‌ଡିସି) ଗଠନ ପାଇଁ ନିର୍ଦ୍ଦେଶ ରହିଛି। ସରକାର ଦେଉଥିବା ଅର୍ଥରାଶିର ସୁବିନିଯୋଗ ଲାଗି ବିଦ୍ୟାଳୟ ପରିଚାଳନା କମିଟିର ଆବଶ୍ୟକତା ମଧ ରହିଛି। କିନ୍ତୁ ଗଞ୍ଜାମ ଜିଲା ପୋଲସରା ବ୍ଲକ ନିମିନା ଗ୍ରାମପଞ୍ଚାୟତ ସାନବରଗାଁସ୍ଥିତ ସାନବରଗାଁ ପ୍ରାଥମିକ ବିଦ୍ୟାଳୟରେ ଗତ ୨୬ ସେପ୍ଟେମ୍ବର ୨୦୧୪ରେ ବିଦ୍ୟାଳୟ ପରିଚାଳନା କମିଟି ଗଠନ ହୋଇଥିଲା। ଉକ୍ତ କମିଟିର କାର୍ଯ୍ୟକାଳ ୨୬ ସେପ୍ଟେମ୍ବର ୨୦୧୭ରୁ ସରିଗଲାଣି। ପ୍ରାୟ ୨ ବର୍ଷ ବିତିଲାଣି ତଥାପି ଗଠନ ହୋଇପାରୁନି ଏସଏମଡିସି। କାର୍ଯ୍ୟକାଳ ସରିବା ପରେ ମଧ କିଭଳି ଉକ୍ତ କମିଟି ମାଧ୍ୟମରେ ବିଦ୍ୟାଳୟର କ୍ୟାସବୁକ୍‌କୁ ପରିଚାଳନା କରାଯାଉଛି ତାହା ସନ୍ଦେହ ସୃଷ୍ଟି କରିଛି। ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନ, ପୋଷାକ କିପରି ବଣ୍ଟା ଯାଉଛି କିଏ ତଦାରଖ କରୁଛି ତାହା ଜଣାନାହିଁ। ଏନେଇ ପ୍ରଧାନ ଶିକ୍ଷକ କ୍ରିଷ୍ଣାଚନ୍ଦ୍ର ସେଠୀ କୁହନ୍ତି, ପଞ୍ଚାୟତର ଷ୍ଟାଣ୍ଡିଂ କମିଟି ଗଠନ ହୋଇନି, ତେଣୁ ଏଠି ମଧ ହୋଇନି। ଏହାକୁ ନେଇ ସିଆର, ଏବିଇଓ ଓ ବିଇଓଙ୍କୁ ମଧ ଅବଗତ କରାଇଛି। ଗୋଷ୍ଠୀ ଶିକ୍ଷାଧିକାରୀ ତ୍ରିଲୋଚନ ତ୍ରିପାଠୀଙ୍କ ସହ ଯୋଗାଯୋଗ ବେଳେ କୁହନ୍ତି, ପୁରୁଣା କମିଟି ଦ୍ୱାରା ଟଙ୍କା ଉଠାଇ ପାରିବେ ନାହିଁ, ଏହା ଆଇନ ବିରୋଧ। ତୁରନ୍ତ ବିଦ୍ୟାଳୟ ପରିଚାଳନା କମିଟି ଗଠନ ପାଇଁ ମୁଁ ପ୍ରଧାନ ଶିକ୍ଷକଙ୍କୁ ଡ଼କାଇ ନିର୍ଦ୍ଦେଶ ଦେବି ବୋଲି କହିଥିଲେ।

# ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

**ଛତ୍ରପୁର,୯।୮(ଡି.ଏନ.ଏ)**

ଛତ୍ରପୁର ବ୍ଲକ ଚମାଖଣ୍ଡି ଓ ଶ୍ରୀରାମପୁର ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି 'ମୋ ନିବେଦନ' କାର୍ଯ୍ୟକ୍ରମ ଚମାଖଣ୍ଡି ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏହାର ଶୁଭାରମ୍ଭ କରିବା ସହ ସେଠାରେ ଚାରାରୋପଣ କରିଥିଲେ । ପରେ ଛତ୍ରପୁର ବିଡିଓ ଅମ୍ବିକା ପ୍ରସାଦ ଦାଶ, ତହସିଲଦାର ନୀଳମାଧବ ଭୋଇ, ସିଡିପିଓ କ୍ରିଷ୍ଣା କୁମାରୀ ନନ୍ଦ ପ୍ରମୁଖ ଲୋକଙ୍କ ଅଭିଯୋଗ ଶୁଣିଥିଲେ । ଚମାଖଣ୍ଡି ପଞ୍ଚାୟତର ୧୩୪ ଏବଂ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତର ୬୪ ଜଣଙ୍କ ଅଭିଯୋଗ ଶୁଣାଣି ହୋଇଥିଲା ।

**ଗୋପାଳପୁର:** ରଙ୍ଗେଇଲୁଣ୍ଡା ବ୍ଲକ କେଲୁଆପଲ୍ଲୀ ପଞ୍ଚାୟତରେ ହୋଇଥିବା ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣିରେ ବିଭିନ୍ନ ଯୋଜନାରୁ ବଞ୍ଚିତ ହିତାଧିକାରୀ ମାନେ ସେମାନଙ୍କ ଅଭିଯୋଗ ଜଣାଇଥିଲେ। ମୋଟ ୧୬୮ ଅଭିଯୋଗ ଆସିଥିଲା। ବିଡିଓ କୁମାର ନାଗଭୂଷଣ, ଭାରପ୍ରାପ୍ତ କନିଷ୍ଠ ତହସିଲଦାର ଅନିତା ସାହୁ, କେଲୁଆପଲ୍ଲୀ ସରପଞ୍ଚ ବିଷ୍ଣୁପ୍ରିୟା ନାୟକ, ଏବିଡିଓ ତ୍ରିପତି ବାଲାଜୀ ସାମନ୍ତରାୟ, ରଙ୍ଗେଇଲୁଣ୍ଡା ସିଡିପିଓ ଜ୍ୟୋତ୍ସ୍ନା ପାଢ଼ୀ, ପିଏ ମନମୋହନ ପାତ୍ର, ସହକାରୀ କୃଷି ଅଧିକାରୀ ଅଜୟ କୁମାର ନାୟକ ଓ ଅନ୍ୟ ଅଧିକାରୀମାନେ ଅଭିଯୋଗ ଶୁଣିଥିଲେ।

**ଆସିକା:**ଆସିକା ବ୍ଲକର ଆଲିପୁର ଓ ବାବନପୁର ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣି ମୋ ନିବେଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତର ଜନସାଧାରଣ ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ ଦାଖଲ କରିଥିଲେ। ଆସିକା ବିଡିଓ ଗାୟତ୍ରୀଦତ୍ତ ନାୟକ, ଅତିରିକ୍ତ ତହସିଲଦାର୍ ଆଶୁତୋଷ ଗୌରବ କର ପ୍ରମୁଖ ଉପସ୍ଥିତ ଥିଲେ। ଆଲିପୁର ସରପଞ୍ଚ ସନ୍ତୋଷ କୁମାର ଜେନାଙ୍କ ଅଧକ୍ଷତାରେ ୧୯୨ ଓ ବାବନପୁର ସରପଞ୍ଚ ସୌଦାମିନୀ ନାୟକଙ୍କ ଅଧକ୍ଷତାରେ ହୋଇଥିବା ଅଭିଯୋଗ ଶୁଣାଣିରେ ୫୬ ଅଭିଯୋଗ ଦାଖଲ ହୋଇଛି।

**ଖଲ୍ଲିକୋଟ:**ଖଲ୍ଲିକୋଟ ବ୍ଲକ ଡିମିରିଆ ପଞ୍ଚାୟତରେ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ସ୍ଥାନୀୟ ତହସିଲଦାର ଚିତ୍ତରଞ୍ଜନ ମହାନ୍ତ, ବିଡିଓ ନବକୃଷ୍ଣ ଜେନା, ବିଇଓ ଅମ୍ରିତା ପ୍ରୀତିନନ୍ଦ, ଡିମିରିଆ ସରପଞ୍ଚ ମନୋଜ ଗୌଡ଼ଙ୍କ ସମେତ ବ୍ଲକର ବହୁ କର୍ମଚାରୀ ଉପସ୍ଥିତ ଥିଲେ।

**ବୁଗୁଡ଼ା:** ବୁଗୁଡ଼ା ବ୍ଲକ ଗୌଡ଼ିଆବୋରଦାରେ ପଞ୍ଚାୟତ ସ୍ତରୀୟ ଜନ ଅଭିଯୋଗ ଶୁଣାଣି ମୋ ନିବେଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତର ୬୮ ଅଭିଯୋଗର ଶୁଣାଣି ହୋଇଥିଲା। ବିଡିଓ ସୁକାନ୍ତ କୁମାର ମାଝି ସଭାପତିତ୍ୱ କରିଥିଲେ। ସେହିପରି ଗୋଲାବନ୍ଧରେ ମଧ୍ୟ ପ୍ରଶାସନିକ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣି ହୋଇଥିଲା ।


ରଙ୍ଗେଇଲୁଣ୍ଡା ବ୍ଲକ କେଲୁଆପଲ୍ଲୀ ପଞ୍ଚାୟତରେ ଚାଲିଥିବା ଅଭିଯୋଗ ଶୁଣାଣି।

**ବେଗୁନିଆପଡା:** ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ନିର୍ଦ୍ଦେଶରେ ବେଗୁନିଆପଡ଼ା ବ୍ଲକ କେ. ବରିଡା ଓ ଖଣ୍ଡିଆନଈ ପଞ୍ଚାୟତରେ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ମୋ ନିବେଦନ କାର୍ଯ୍ୟକ୍ରମ ହୋଇଥିଲା। ଏହାକୁ ବିଡିଓ ଅରୁଣ କୁମାର ମଲ୍ଲିକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। କୋଦଳା ତହସିଲଦାର ପ୍ରଭାତ କୁମାର ପରିଡା, ବେଗୁନିଆପଡା ଫାଣ୍ଡି ଅଧିକାରୀ ଦୀପ୍ତି ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କେ. ବରିଡ଼ାରେ ୧୫୪ ଓ ଖଣ୍ଡିଆନଈରେ ୨୦୪ ଅଭିଯୋଗ ଶୁଣାଣି ହୋଇଥିଲା।

**ହିଞ୍ଜିଳିକାଟୁ:** ହିଞ୍ଜିଳିକାଟୁ ବ୍ଲକର କଞ୍ଚୁରୁ ଓ ଶାସନଆମ୍ବଗାଁ ପଞ୍ଚାୟତ ଅଫିସରେ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ହୋଇଥିଲା। କଞ୍ଚୁରୁଠାରେ ସରପଞ୍ଚ ପି. ବାସନ୍ତୀ ଅଧକ୍ଷତା କରିଥିଲେ। ୧୫୫ ଅଭିଯୋଗ ମଧ୍ୟରୁ ୫୨ର ସମାଧାନ ହୋଇଥିଲା। ଶାସନଆମ୍ବଗାଁରେ ସରପଞ୍ଚ ସଙ୍ଗିତା ସାହୁ, ସମିତିସଭ୍ୟା ରଞ୍ଜିତା ସାବତ ଉପସ୍ଥିତ ଥିଲେ। ୧୨୨ ଅଭିଯୋଗ ମଧ୍ୟରୁ ୭ଟିର ସମାଧାନ କରାଯାଇଥିଲା।

**ସଂକ୍ଷେପରେ**

## ନାବାଳିକାଙ୍କୁ ବଳାତ୍କାର ମାମଲା, ୨ ଅଭିଯୁକ୍ତ ନିର୍ଦ୍ଦୋଷ

**ବ୍ରହ୍ମପୁର ଅଫିସ, ୯।୮:** ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ମାମଲାର ଶୁଣାଣି କରି ଶୁକ୍ରବାର ସ୍ୱତନ୍ତ୍ର ପୋକ୍ସୋ ଜଜ ତଥା ଏଡିଜେ-୨ ଜଗଦୀଶ ପ୍ରସାଦ ମହାନ୍ତି ପ୍ରମାଣ ଅଭାବରୁ ୨ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ଦିଲୀପ ସେଠୀ ଓ ଅପହୃତା ନାବାଳିକାଙ୍କୁ ଆଶ୍ରୟ ଦେଇଥିବା ସୁଶାନ୍ତ ସେଠୀ। ୨୦୧୮ ମେ ୧୯ ତାରିଖରେ ଜଣେ ନାବାଳିକାଙ୍କୁ ଅପହରଣ ହୋଇଥିବା ନେଇ କେ.ନୂଆଗାଁ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନଂ.୬୧/୧୮ରେ ମାମଲା ରୁଜୁ କରି ତଦନ୍ତ ବେଳେ ପୀଡ଼ିତାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଶୁକ୍ରବାର ଏହି ମାମଲାର ବିଚାର ବେଳେ ୫ ସାକ୍ଷୀଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ଅଭାବରୁ ଅଭିଯୁକ୍ତଦ୍ୱୟଙ୍କୁ ବିଚାରପତି ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ଓ ମୁଦାଲାଙ୍କ ପକ୍ଷରୁ କୃଷ୍ଣପ୍ରସାଦ ପଟ୍ଟନାୟକ ମକଦ୍ଦମା ପରିଚାଳନା କରିଥିଲେ।

## ବାପୁଜୀ ଆଶ୍ରମରେ କ୍ରାନ୍ତି ଦିବସ

**ବ୍ରହ୍ମପୁର ଅଫିସ,୯।୮:** ଗଞ୍ଜାମ ଜିଲା କଂଗ୍ରେସ ପକ୍ଷରୁ ଅଗଷ୍ଟ କ୍ରାନ୍ତି ଦିବସ ଶୁକ୍ରବାର ବ୍ରହ୍ମପୁରସ୍ଥିତ ବାପୁଜୀ ଆଶ୍ରମରେ ପାଳିତ ହୋଇଥିଲା। ବ୍ରିଟିଶ ସରକାର ବିରୋଧରେ ଏବଂ ଭାରତ ଛାଡ଼ ପାଇଁ ୧୯୪୨ ଅଗଷ୍ଟ ୯ରେ ବିଶାଳ ଜନ ଆନ୍ଦୋଳନ ନିଷ୍ପତ୍ତି ଏହି ଦିବସରେ ନିଆଯାଇଥିବା ସମ୍ପର୍କରେ ସମବେତ କର୍ମୀଙ୍କୁ ମନେ ପକାଇ ଦିଆଯାଇଥିଲା। ଦେଶକୁ ବ୍ରିଟିଶ ମୁକ୍ତ ନିମନ୍ତେ କ୍ରାନ୍ତି ଦିବସରେ କେଉଁଠୁ ଆନ୍ଦୋଳନ ଆରମ୍ଭ ହୋଇଥିଲା ସେ ସମ୍ପର୍କରେ ଯୁବକର୍ମୀଙ୍କୁ ସଚେତନ କରାଯାଇଥିଲା। ମହାନଗର କଂଗ୍ରେସ ସଭାପତି ପ୍ରମୋଦ କୁମାର ଜେନାଙ୍କ ସମେତ ବୃନ୍ଦାବନ ଖଟେଇ, ରବି ଅଧିକାରୀ, କୋଦଣ୍ଡ ପାଣିଗ୍ରାହି, ଯୁବ କଂଗ୍ରେସ ନେତା ଆର. କାଶୀ, ଛାତ୍ର କଂଗ୍ରେସ ଜିଲା ସଭାପତି ବିଜୟରାଜ ପାଣିଗ୍ରାହୀ ଓ ଅନ୍ୟମାନେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ବହୁ କର୍ମୀ ଉପସ୍ଥିତ ଥିଲେ।

## ଚାରାରୋପଣ କାର୍ଯ୍ୟକ୍ରମ

**ଛତ୍ରପୁର,୯।୮(ଡି.ଏନ.ଏ):** ଛତ୍ରପୁରସ୍ଥିତ କାରମେଲ ସ୍କୁଲ ପରିସରରେ ଶୁକ୍ରବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅତିଥି ଭାବେ ଯୋଗଦେଇ ଚାରାରୋପଣ କରି ଏହାର ମହତ୍ୱ ଓ ଆବଶ୍ୟକତା ଉପରେ ଛାତ୍ରୀଛାତ୍ରଙ୍କୁ କହିଥିଲେ। ପରେ ସ୍କୁଲର ଛାତ୍ରୀଛାତ୍ର, ଶିକ୍ଷୟତ୍ରୀ ଶିକ୍ଷକମାନେ ଚାରାରୋପଣ କରିଥିଲେ।

# ରକ୍ ଗାର୍ଡେନ ପାଇଁ ଖର୍ଚ୍ଚ ହେବ ୮.୫ କୋଟି

**ବ୍ରହ୍ମପୁର ଅଫିସ, ୯।୮**

ଗଞ୍ଜାମ ଜିଲାକୁ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନିତ କରିବା ପାଇଁ ବ୍ରହ୍ମପୁର ଆମ୍ବପୁଆଠାରେ ନିର୍ମାଣ ହେବାକୁ ଥିବା ରାଜ୍ୟର ପ୍ରଥମ ରକ୍ ଗାର୍ଡେନ (ଶିଳାକୃତି ପ୍ରଦର୍ଶନସ୍ଥଳ) ସ୍ୱପ୍ନ ବାସ୍ତବ ରୂପ ନେବ। ଏଥିପାଇଁ ଚିହ୍ନଟ ୯ ଏକର ଜାଗା ଚାରିପଟେ ପ୍ରାୟ ଦେଢ଼ବର୍ଷ ତଳୁ ପାଚେରି ନିର୍ମାଣ ହୋଇଥିଲା। ରକ୍ ଗାର୍ଡେନ ପାଇଁ ପ୍ରାୟ ୮.୫ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିବା ବେଳେ ଚଳିତ ମାସ ଶେଷ ସୁଦ୍ଧା ଏହାର ଟେଣ୍ଡର ଆରମ୍ଭ କରିବାକୁ ଶୁକ୍ରବାର ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ)ର ସ୍ୱତନ୍ତ୍ର ବୈଠକରେ ନିଷ୍ପତ୍ତି ହୋଇଛି। ବିଡିଏ ସମ୍ମିଳନୀ କକ୍ଷରେ ଉପାଧ୍ୟକ୍ଷ ତଥା ବ୍ରହ୍ମପୁର ମହାନଗର ନିଗମ(ବିଏମସି) କମିଶନର ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ୱତନ୍ତ୍ର ବୈଠକରେ ବ୍ରହ୍ମପୁରରେ ନିର୍ମାଣ ହେବାକୁ ଥିବା ରାଜ୍ୟର ଏହି ପ୍ରଥମ ରକ୍ ଗାର୍ଡେନ ପ୍ରକଳ୍ପର ଅଗ୍ରଗତି ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ସହରରେ ବିଲ୍ଡିଂ ନିର୍ମାଣ ପାଇଁ ବିଡିଏ ପକ୍ଷରୁ ଆପ୍ରୁଭାଲ ପ୍ରଦାନ ଦିଗରେ ରହିଥିବା ସମସ୍ୟା ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ସେପ୍ଟେମ୍ବର ୬ରେ ପେଣ୍ଡିଂ ରହିଥିବା ସମସ୍ତ ଆପ୍ରୁଭାଲ ସମସ୍ୟା ସମାଧାନ କରାଯିବ ବୋଲି କମିଶନର ସୂଚନା ଦେଇଥିଲେ। ଆଗକୁ ବିଲ୍ଡିଂ ଆପ୍ରୁଭାଲରେ ଯେଭଳି ବିଳମ୍ବ ନ ହେବ ସେଥିପାଇଁ ବିଡିଏ କାର୍ଯ୍ୟାଳୟରେ ଇ-ଅଫିସ ଖୋଲାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ସହରର ସୌନ୍ଦର୍ଯ୍ୟକରଣ ପାଇଁ ବିଭିନ୍ନ ରେଲୱେ ଓଭରବ୍ରିଜ(ଆରଓବି) ତଳେ ବିଡିଏ ପକ୍ଷରୁ ବସିବା ନିମନ୍ତେ ବ୍ୟବସ୍ଥା, ପାର୍କିଂ, ଦୋକାନ ଗୃହ ନିର୍ମାଣ କରାଯିବ। ବ୍ରହ୍ମପୁରରେ ୨୦୦୦, ଗୋପାଳପୁର ଓ ଛତ୍ରପୁରରେ ଆଗାମୀ ଦିନରେ ୧୦୦୦ ଚାରାରୋପଣ କରିବାକୁ ଯୋଜନା ରଖାଯାଇଛି। ସୌନ୍ଦର୍ଯ୍ୟକରଣ ପାଇଁ ସହରର ସମସ୍ତ ଓପନ ସ୍ପେସରେ କନସେପ୍ଟ ପାର୍କ, ଚାରାରୋପଣ କରାଯିବାକୁ କୁହାଯାଇଥିଲା। ଗଞ୍ଜାମ ହାଟ ପ୍ରକଳ୍ପ ନେଇ ଆସନ୍ତା ୨୭ରେ ହେବାକୁ ଥିବା ସ୍ୱତନ୍ତ୍ର ବୈଠକରେ ନିଷ୍ପତ୍ତି ନିଆଯିବ ବୋଲି କୁହାଯାଇଥିଲା। ବୈଠକରେ ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ ପଣ୍ଡା, ଗୋପାଳପୁର ବିଧାୟକ ପ୍ରଦୀପ କୁମାର ପାଣିଗ୍ରାହୀ, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ବିଡିଏ ସଚିବ ସମ୍ବିତ୍ ରାଉତ ଏବଂ ବିଡିଏର ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

**ବିଡିଏର ସ୍ୱତନ୍ତ୍ର ବୈଠକ**

- ମାସ ଶେଷ ସୁଦ୍ଧା ଆରମ୍ଭ ହେବ ଟେଣ୍ଡର ପ୍ରକ୍ରିୟା
- ବିଲ୍ଡିଂ ନିର୍ମାଣ ଅନୁମତି ବିଳମ୍ବ ନ ହେବା ପାଇଁ ଖୋଲିବ ଇ-ଅଫିସ

# ବୈଜ୍ଞାନିକ ମନୋବୃତ୍ତିକୁ ଗୁରୁତ୍ୱ ଦିଆଯାଉ




ଶୋଭାଯାତ୍ରା ବ୍ରହ୍ମପୁର ସହର ପରିକ୍ରମା କରୁଛି।

**ବ୍ରହ୍ମପୁର ଅଫିସ,୯।୮**

ଇଣ୍ଡିଆ ମାର୍ଚ୍ଚ ଫର୍ ସାଇନ୍ସ କାର୍ଯ୍ୟକ୍ରମ ଶୁକ୍ରବାର ବ୍ରହ୍ମପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୁରୁଣା ବସଷ୍ଟାଣ୍ଡରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ଖଲ୍ଲିକୋଟ କଲେଜ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ଏକ ସଭା ହୋଇଥିଲା। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବୈଜ୍ଞାନିକ ମନୋବୃତ୍ତି ଦିଗରେ ସରକାର ପଦକ୍ଷେପ ନେବା ଆବଶ୍ୟକ ବୋଲି ଉକ୍ତ ସଭାରେ ବକ୍ତାମାନେ କହିଥିଲେ। ମାନବୀୟ ମୂଲ୍ୟବୋଧ ଓ ଅନୁସନ୍ଧିତ୍ସୁ ଭାବର ବିକାଶ ପାଇଁ ସମ୍ବିଧାନର ଧାରା ୫୧ଏ(ଏଚ୍)କୁ ଅବଲମ୍ବନ, ଶିକ୍ଷା ପାଇଁ କେନ୍ଦ୍ରୀୟ ବଜେଟ୍‌ର ଅନ୍ୟୁନ ୧୦ପ୍ରତିଶତ ଓ ରାଜ୍ୟ ବଜେଟ୍‌ରେ ଅନ୍ୟୁନ ୩୦ପ୍ରତିଶତ ବ୍ୟୟବରାଦ, ସାଧାରଣ ଜନନୀତି, ବିଜ୍ଞାନଭିତ୍ତିକ ଭାବରେ ପ୍ରଣୀତ ହେବାକୁ ଆହ୍ୱାନ ଦିଆଯାଇଥିଲା। ଭାରତରେ ମୂଳତଃ ଶିକ୍ଷା ପାଇଁ ଏବଂ ବୈଜ୍ଞାନିକ ଗବେଷଣା ପାଇଁ ସରକାରୀ ସହାୟତାର ସ୍ତର ବହୁ କମ୍। ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ଶିକ୍ଷା ପ୍ରଣାଳୀର ଭିତ୍ତିବ୍ୟବସ୍ଥା, ଶିକ୍ଷକ, ଅଣଶିକ୍ଷକ ଆବଶ୍ୟକ ଅନୁଯାୟୀ ନ ଥିବା ବେଳେ ଗବେଷଣା ନିମନ୍ତେ ପୁଞ୍ଜି ମଧ୍ୟ କମ୍। ତେଣୁ ସରକାର ଅନୁଦାନ ଅର୍ଥ ବଢ଼ାଇବା ଆବଶ୍ୟକ। ଛାତ୍ରୀଛାତ୍ରଙ୍କ ଜ୍ଞାନ, ବୈଜ୍ଞାନିକ ପ୍ରବୃତି ଓ ଅନୁସନ୍ଧିତ୍ସୁ ଭାବର ସୁଷମ ବିକାଶ ପାଇଁ ପାଠ୍ୟକ୍ରମର ବିଷୟବସ୍ତୁକୁ ବୈଜ୍ଞାନିକ ପ୍ରାମାଣିକତା ଦ୍ୱାରା ପରିଚାଳିତା ହେବା ଜରୁରୀ। ବିଶ୍ୱାସ ଉପରେ ଆଧାରିତ ହେବା ବଦଳରେ ତର୍କ-ସିଦ୍ଧ ତଥ୍ୟ ଉପରେ ପର୍ଯ୍ୟବେଶିତ ହେବା ଆବଶ୍ୟକ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ସୋମନାଥ ବେହେରା, ନନ୍ଦେଶୁ ସେନାପତି, ଏମ୍.ଭି. କାମେଶ୍ୱର ରାଓ, ଶିବାନୀ ଶଙ୍କର ମିଶ୍ର, ବି.ବାଲକ୍ରୀଷ୍ଣା, କିଶୋର ମିଶ୍ର, ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ଅବନୀ ଗୟା, ଜେ. ସୁରେଶଙ୍କ ସମେତ ବହୁ ବୁଦ୍ଧିଜୀବୀ ଏହି କାର୍ଯ୍ୟକ୍ରମରେ ଭାଗନେଇଥିଲେ।

# ହତ୍ୟା ଉଦ୍ୟମ ମାମଲା: ବାପା, ୩ ପୁଅ ନିର୍ଦ୍ଦୋଷ

**ବ୍ରହ୍ମପୁର ଅଫିସ,୯।୮**

ପୂର୍ବ ଶତ୍ରୁତାରୁ ଜଣେ ଯୁବକଙ୍କୁ ହତ୍ୟା ଉଦ୍ୟମ କରାଯାଇଥିବା ମାମଲାର ଶୁଣାଣି କରି ଶୁକ୍ରବାର ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ସିଜେଏମ) ପ୍ରଜ୍ଞା ପରମିତା ରାଉଳ ଉପଯୁକ୍ତ ପ୍ରମାଣ ଅଭାବରୁ ୪ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ମଥୁରା ନଗର ନାଲହୁଡା ସାହିର ବିଜୟ ମହାରଣା ଓ ତାଙ୍କ ୩ ପୁଅ ରାଜେଶ, ରାକେଶ ଓ ପିଣ୍ଟୁ। ୨୦୧୫ ଏପ୍ରିଲ ୧୯ ତାରିଖ ସନ୍ଧ୍ୟାରେ ରାଉତପେଟାର ଶଙ୍କର ମହାରଣା ମଥୁରା ନଗର ଆସିଥିବା ବେଳେ କୌଣସି ଏକ କଥାକୁ ନେଇ ବିଜୟ ଓ ତାଙ୍କ ୩ ପୁଅ ମିଶି ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏ ନେଇ ଅଭିଯୋଗ ହେବାରୁ ବଡବଜାର ପୋଲିସ ନଂ.୪୨/୧୫ରେ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଶୁକ୍ରବାର ଏହି ମାମଲାର ବିଚାର ବେଳେ ୧୬ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ସିଜେଏମ ଉପଯୁକ୍ତ ପ୍ରମାଣ ଅଭାବରୁ ଅଭିଯୁକ୍ତମାନଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ମୁଦଲାଙ୍କ ପକ୍ଷରୁ ପ୍ରଦୀପ କୁମାର ବେହେରା ଓ ସରକାରଙ୍କ ପକ୍ଷରୁ ରାଜେନ୍ଦ୍ର ସାବତ ମାମଲା ପରିଚାଳନା କରିଥିଲେ।

## ଗୁଟ୍‌ଖା କାରଖାନାରେ ଚଢ଼ାଉ, ମାଲିକ ଗିରଫ

**ଲକ୍ଷାଧିକ ଟଙ୍କାର ଗୁଟ୍‌ଖା ଜବତ, ଜଣେ ଫେରାର**

**ବ୍ରହ୍ମପୁର ଅଫିସ,୯।୮**

ସଦର ଥାନା ପୋଲିସ ଗୁରୁବାର ରାତିରେ ପୁଣି ଏକ ଗୁଟ୍‌ଖା କାରଖାନାରେ ଚଢ଼ାଉ କରିଛି। ବାଉଁଶିଆପଲ୍ଲୀରେ ଚାଲିଥିବା ଏହି ବେଆଇନ କାରଖାନାରୁ ଲକ୍ଷାଧିକ ଟଙ୍କାର ଗୁଟ୍‌ଖା ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। କାରଖାନା ମାଲିକ କାଳୁପାତ୍ର ସାହିର ରବୀନ୍ଦ୍ର ସାହୁଙ୍କୁ ଗିରଫ କରାଯାଇଛି। ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଭାବନାନନ୍ଦ ପ୍ରଧାନ ସୂଚନା ଦେଇଛନ୍ତି। ଏ ନେଇ ଏକ ମାମଲା (ନଂ.୧୯୮/୧୯ ) ରୁଜୁ ହୋଇଛି। କାରଖାନାରେ ଗୁଟ୍‌ଖା ପ୍ରସ୍ତୁତି ପରେ ଜିଲା ତଥା ଜିଲା ବାହାରକୁ ନେଇ କାରବାର ଚଳାଉଥିବା ରବୀନ୍ଦ୍ରଙ୍କ ଭାଇ ତଥା ମାଷ୍ଟରମାଇଣ୍ଡ ଫେରାର ଥିବା ପୋଲିସ କହିଛି। କିଛିଦିନ ହେଲା ପୋଲିସ ବେଆଇନ ଗୁଟ୍‌ଖା କାରଖାନା ଉପରେ ଚଢ଼ାଉ ଜାରି ରଖିଛି। ବାଉଁଶିଆପଲ୍ଲୀରେ ଗୁଟ୍‌ଖା ପ୍ରସ୍ତୁତ ହେଉଥିବା ଖବରପାଇ ଗୁରୁବାର ରାତି ପ୍ରାୟ ୧୧ଟାରେ ସେଠାରେ ଚଢ଼ାଉ କରିଥିଲା। ସେଠାରୁ ୨୧ ବସ୍ତା ଗୁଟ୍‌ଖା, ୨ ବସ୍ତା କଞ୍ଚାମାଲ, ୨ ପ୍ୟାକିଂ ମେଶିନ, ୧୩ ବଣ୍ଡଲ ପ୍ଲାଷ୍ଟିକ ଜରି ଜବତ କରାଯାଇଥିଲା। ସୂଚନାଯୋଗ୍ୟ, ଗତ ୬ ଦିନ ମଧ୍ୟରେ ପୋଲିସ ସଦର ଥାନା ଇଲାକାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଗୁଟ୍‌ଖା ଜବତ କରିବା ସହ ୬ ଜଣଙ୍କୁ ଗିରଫ କଲାଣି।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

**■ ନୂଆ ବସ୍‌ଷ୍ଟାଣ୍ଡରୁ ୪୮ ବସ୍ତା ଗୁଟ୍‌ଖା ଜବତ**

# ଏଜେଣ୍ଟ ଗିରଫ, ୨ ମାଲିକ ଫେରାର



ଜବତ ହୋଇଥିବା ଗୁଟ୍‌ଖା।

**ବ୍ରହ୍ମପୁର ଅଫିସ,୯।୮**

ବ୍ରହ୍ମପୁର ସହର ଓ ସହରତଳି ଅଞ୍ଚଳରେ ଗଢି ଉଠିଥିବା ଗୁଟ୍‌ଖା କାରଖାନାଗୁଡିକରେ ପୋଲିସ ନିୟମିତ ଚଢାଉ କରି ବହୁ କୋଟି ଟଙ୍କାର ଗୁଟ୍‌ଖା ଜବତ କରୁଛି। ତଥାପି ଏହି ବେଆଇନ କାରବାର ବନ୍ଦ ହେଉନି। ଶୁକ୍ରବାର ବୈଦ୍ୟନାଥପୁର ଥାନା ପୋଲିସ କୌଣସି ସୂତ୍ରରୁ ଖବରପାଇ ନୂଆ ବସଷ୍ଟାଣ୍ଡରେ ଥିବା ୪୮ ବସ୍ତା ଗୁଟଖା ଜବତ କରିଛି। ସେଠାରୁ ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ସେ ହେଲେ ପ୍ରେମନଗର ୪ର୍ଥ ସାରଣୀର ରଞ୍ଜନ କୁମାର ଦାସ ଓ ସେ ଜଣେ ଏଜେଣ୍ଟ ବୋଲି ପୋଲିସ କହିଛି। ମାମଲା ନଂ.୧୫୫/୧୯ରେ ରଞ୍ଜନଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ସତ୍ୟ ନାରାୟଣ ପାଢୀ ସୂଚନା ଦେଇଛନ୍ତି। ଗୁଟ୍‌ଖା ସବୁ ବସ ଯୋଗେ କୋଲକତା ଚାଲାଣ ପାଇଁ ବସଷ୍ଟାଣ୍ଡରେ ରଖାଯାଇଥିବା ଜେରା ବେଳେ ଅଭିଯୁକ୍ତ ଜଣକ ସ୍ୱୀକାର କରିଛନ୍ତି। ବାଉଁଶିଆପଲ୍ଲୀରେ ଥିବା କାରଖାନାରୁ ଏହି ଗୁଟ୍‌ଖା ଆସିଥିଲା ବୋଲି ପୋଲିସ ଜାଣିବା ପରେ ସେଠାରେ ମଧ୍ୟ ଚଢାଉ କରିଥିଲା। ଚଢାଉ ବେଳେ ମାଲିକ ଏବଂ ତାଙ୍କ ଭାଗୁଆଲି ଫେରାର ଥିବା ପୋଲିସ କହିଛି। ଖୁବଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

# ସରକାରୀ ଯୋଜନା ସଚେତନ କରିବ ଏଲ୍‌ଇଡି ଡିସ୍‌ପ୍ଲେ



ଏଲ୍‌ଇଡି ଡିସ୍‌ପ୍ଲେକୁ ଉଦଘାଟନ କରାଯାଉଛି।

**ବ୍ରହ୍ମପୁର ଅଫିସ,୯।୮**

ବ୍ରହ୍ମପୁର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ(ଏମ୍‌କେସିଜି) ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟଠାରେ ୨ଟି ଏଲ୍‌ଇଡି ଡିସ୍‌ପ୍ଲେ ବୋର୍ଡ଼ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ରାଜ୍ୟ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ ଭୁବନେଶ୍ୱରଠାରେ ଏହା ଉଦଘାଟନ କରିଥିଲେ। ବ୍ରହ୍ମପୁରରେ ଉଦ୍‌ଘାଟନ ଅବସରରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନର ଅତିରିକ୍ତ ନିର୍ଦ୍ଦେଶକ ଡା. ପ୍ରଦୀପ କୁମାର ପାଢ଼ୀ, ଏମକେସିଜି ମେଡିକାଲ କଲେଜ ଅଧ୍ୟକ୍ଷ ତଥା ଡିନ୍ ଡା. ରାଧାମାଧବ ତ୍ରିପାଠୀ, ଅଧିକ୍ଷକ ଡା. ଚରଣ ପଣ୍ଡାଙ୍କ ସମେତ ବହୁ ବରିଷ୍ଠ ଡାକ୍ତର ଏବଂ ଅଧିକାରୀ ଉପସ୍ଥିତ ଥିଲେ। ଏଲ୍‌ଇଡି ଡିସ୍‌ପ୍ଲେରେ ସ୍ୱାସ୍ଥ୍ୟ ସେବା ସମ୍ପର୍କିତ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଭିଡ଼ିଓ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯିବ। ସରକାରଙ୍କ ନୂଆ ଯୋଜନା ମଧ୍ୟ ଏଥିରେ ପ୍ରଦର୍ଶିତ ହେବ। ଫଳରେ ମେଡ଼ିକାଲ୍‌କୁ ଆସୁଥିବା ରୋଗୀ ସମସ୍ତ ଯୋଜନା ସମ୍ପର୍କରେ ଅବଗତ ହୋଇପାରିବେ ବୋଲି ଅଧ୍ୟକ୍ଷ ଡା. ତ୍ରିପାଠୀ ପ୍ରକାଶ କରିଛନ୍ତି। ଆଶୁ ଚିକିତ୍ସା ଏବଂ ବହିଃଚିକିତ୍ସା ବିଭାଗ ସମ୍ମୁଖରେ ଏହି ୨ଟି ଡିସ୍‌ପ୍ଲେ ସ୍ଥାପନ କରାଯାଇଛି।

# ଦିବ୍ୟାଙ୍ଗଙ୍କୁ ବାସଗୃହ ପ୍ରଦାନ ଦାବି

**ବ୍ରହ୍ମପୁର ଅଫିସ, ୯।୮**

ସହରରେ ବସବାସ କରୁଥିବା ଦିବ୍ୟାଙ୍ଗଙ୍କୁ ବାସଗୃହ ପ୍ରଦାନ କରିବାକୁ ଦିବ୍ୟାଙ୍ଗ ଉନ୍ନୟନ ସଂଗଠନ 'ମୁକ୍ତ ଆକାଶ' ପକ୍ଷରୁ ଦାବି ହୋଇଛି। ଶୁକ୍ରବାର ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ ପଣ୍ଡା, ବିଏମ୍‌ସି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ସଂଗଠନ କର୍ମକର୍ତ୍ତାମାନେ ଭେଟି ଏ ନେଇ ଦାବିପତ୍ର ପ୍ରଦାନ କରିଛନ୍ତି। ବ୍ରହ୍ମପୁର ସହରରେ ବସବାସ କରୁଥିବା ଦିବ୍ୟାଙ୍ଗଙ୍କ ମଧ୍ୟରୁ ଅନେକ ବାସହୀନ ଓ ଗରିବ ଶ୍ରେଣୀର ହୋଇଥିବାରୁ ଘର ନ ଥାଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏ ଦିଗରେ ବିଚାର କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ସଂଗଠନର ସଭାପତି ନିରଞ୍ଜନ ବାଡତ୍ୟା, ସମ୍ପାଦକ କାହ୍ନା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଶ୍ରାବଣମାସ ଶୁକ୍ରବାର ଉପଲକ୍ଷେ ଆସ୍କାରୋଡ ସ୍ଥିତ କପିଳେଶ୍ୱର ମନ୍ଦିର ପରିସରରେ ମହିଳାମାନେ କୁଙ୍କୁମ ପୂଜା କରୁଛନ୍ତି। ଫଟୋ-ସମୀର

# ଆଉଟ୍‌ସୋର୍ସିଂ ପ୍ରତିବାଦରେ ଧାରଣା

**ବ୍ରହ୍ମପୁର ଅଫିସ,୯।୮**

ମଧ୍ୟାହ୍ନଭୋଜନ ଏବଂ ଆହାର କେନ୍ଦ୍ରକୁ ଖାଦ୍ୟ ଯୋଗାଉଥିବା ମାନ୍ନା ଟ୍ରଷ୍ଟର କର୍ମଚାରୀମାନେ ଆଉଟ୍‌ସୋର୍ସିଂକୁ ପ୍ରତିବାଦ କରି ଶୁକ୍ରବାର ଧାରଣା ଦେବା ସହ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ସେମାନେ ଅଭିଯୋଗ ଯେ, ହାଇଦ୍ରାବାଦ୍‌ର ମାନ୍ନା ଟ୍ରଷ୍ଟ ଦ୍ୱାରା ପରିଚାଳିତ କେନ୍ଦ୍ରୀୟ ରୋଷେଇଶାଳର ଶ୍ରମିକ ଭାବେ ଗତ ପ୍ରାୟ ୧୪ ବର୍ଷ ଧରି ମଧ୍ୟାହ୍ନଭୋଜନ ଓ ଆହାର କେନ୍ଦ୍ର ପାଇଁ ଖାଦ୍ୟ ପ୍ରସ୍ତୁତ କରୁଛନ୍ତି। ବ୍ରହ୍ମପୁରସ୍ଥିତ କେନ୍ଦ୍ରୀୟ ରୋଷେଇଶାଳରେ କାମ କରି ଆସୁଛନ୍ତି। ପୂର୍ବରୁ ନନ୍ଦୀ ଫାଉଣ୍ଡେଶନ୍ ସମୟରେ ମଧ ଭୋଜନ ପ୍ରସ୍ତୁତି କାମରେ ନିୟୋଜିତ ହୋଇଥିଲେ। ପରବର୍ତ୍ତୀ ସମୟରେ ମାନ୍ନା ଫାଉଣ୍ଡେସନ୍ ଅଧୀନରେ କାମ କରୁଛନ୍ତି। ଏତେ ବର୍ଷ ଧରି କାମ କରୁଥିଲେ ମଧ ଏଯାଏ ସର୍ବନିମ୍ନ ମଜୁରି ମିଳୁନି। କିଛି ଦିନ ପୂର୍ବେ ମଜୁରିକୁ ନେଇ ଆନ୍ଦୋଳନ କରିବା ଯୋଗୁ ଅଣକୁଶଳୀ ଶ୍ରମିକ ଭାବେ ସର୍ବନିମ୍ନ ମଜୁରୀ ପ୍ରଦାନ କରାଯାଇଥିଲା। ହେଲେ ଇପିଏଫ୍, ଇଏସ୍‌ଆଇ ଆଦି ସୁବିଧାରୁ ବଞ୍ଚିତ କରାଯାଇଛି ବୋଲି କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ଟ୍ରଷ୍ଟ କର୍ତ୍ତୃପକ୍ଷ ଶ୍ରମିକ ଭାବେ କୌଣସି ପରିଚୟପତ୍ର କିମ୍ବା ୟୁନିଫର୍ମ ଦେଇନାହାନ୍ତି। କାର୍ଯ୍ୟରତ ସମୟରେ କୌଣସି ଦୁର୍ଘଟଣା ହେଲେ କ୍ଷତିପୂରଣର ବ୍ୟବସ୍ଥା ନାହିଁ। ଦୀର୍ଘ ବର୍ଷ ହେଲା କାମ କରୁଥିଲେ ମଧ୍ୟ ନିୟମିତ ଶ୍ରମିକର ମାନ୍ୟତା ଦେଇନାହାନ୍ତି। ଏବେ ଗଞ୍ଜାମ ସିକ୍ୟୁରିଟି ପରି ଏକ ଏଜେନ୍ସି ଜରିଆରେ ଆଉଟ୍‌ସୋର୍ସିଂ କରିବାକୁ ନିଷ୍ପତ୍ତି ନେଇ ଟେଣ୍ଡର କରାଯାଇଛି। ଆଉଟସୋର୍ସିଂରେ ଗଞ୍ଜାମ ସିକ୍ୟୁରିଟି କିମ୍ବା ଅନ୍ୟ କୌଣସି ସର୍ଭିସ ପ୍ରୋଭାଇଡ଼ରଙ୍କ ଦ୍ୱାରା ନିଯୁକ୍ତି ବଦଳରେ ପୂର୍ବଭଳି ମାନ୍ନାର ନିୟମିତ ଶ୍ରମିକ ଭାବେ କାମ କରିବାକୁ ଦେବା ପାଇଁ କର୍ମଚାରୀମାନେ ଦାବି କରିଛନ୍ତି। ଏଥିସହ ଶ୍ରମିକମାନଙ୍କ ପାଇଁ ଉଦ୍ଦିଷ୍ଟ ଇପିଏଫ୍, ଇଏସ୍‌ଆଇ ଆଦି ସୁବିଧା ସବୁ ଶ୍ରମିକଙ୍କୁ ପ୍ରଦାନ, କୁଶଳୀ ଓ ଅତିକୁଶଳୀ ଶ୍ରମିକ ଭାବେ ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷିତ ସର୍ବନିମ୍ନ ମଜୁରି ପ୍ରଦାନ, ସବୁ ଶ୍ରମିକଙ୍କୁ ପରିଚୟ ପତ୍ର, ୟୁନିଫର୍ମ ଏବଂ ବୀମା ସୁବିଧା ପ୍ରଦାନ ନେଇ ଦାବି କରାଯାଇଛି। ଏନେଇ ଏକ ଦାବିପତ୍ର ଶାଖା ପରିଚାଳକଙ୍କ ଜରିଆରେ ନିର୍ଦ୍ଦେଶକଙ୍କୁ ପ୍ରଦାନ କରାଯାଇଥିଲା। ସର୍ବଭାରତୀୟ ଶ୍ରମିକ ସଙ୍ଗଠନ ଆଇଏଫ୍‌ଟିୟୁ ଦ୍ୱାରା ଅନୁବନ୍ଧିତ ସେଣ୍ଟ୍ରାଲ କିଚେନ୍ ଶ୍ରମିକ ୟୁନିୟନ୍ ପକ୍ଷରୁ ଆୟୋଜିତ ବିକ୍ଷୋଭରେ ୟୁନିୟନ୍‌ର ସଭାନେତ୍ରୀ ବୈଜୟନ୍ତୀ ସାହୁ, ସମ୍ପାଦିକା ଜଲି ପରିଡ଼ା, ମଞ୍ଜୁଶ୍ରୀ ମହାରଣା, ସରସ୍ୱତୀ ନାହାକ ଓ ୟୁନିୟନ୍‌ର ଉପଦେଷ୍ଟା ତଥା ଆବାହକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇଥିଲେ।




କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ଶନିବାର, ଅଗଷ୍ଟ ୧୦/୨୦୧୯ Berhampur, Saturday, August 10/2019

## ସଂକ୍ଷେପରେ

କୃମିନାଶକ ଔଷଧ ଖାଇବା ଘଟଣା

### ସ୍କୁଲରେ ପୁଣି ଅସୁସ୍ଥ ହେଲେ ୬ ଛାତ୍ରୀଛାତ୍ର

କବିସୂର୍ଯ୍ୟନଗର,୯।୮-କୃମି ନାଶକ ଔଷଧ ଖାଇ ଗୁରୁବାର ଅସୁସ୍ଥ ହୋଇଥିବା ୮ ଛାତ୍ରୀଛାତ୍ରଙ୍କୁ କବିସୂର୍ଯ୍ୟନଗର ଡାକ୍ତରଖାନାରେ ଚିକିତ୍ସିତ କରାଯାଇ ସନ୍ଧ୍ୟାରେ ଘରକୁ ଛଡ଼ାଯାଇଥିଲା। ଶୁକ୍ରବାର ବିଦ୍ୟାଳୟକୁ ଆସିବା ପରେ ୬ଜଣ ଛାତ୍ରୀଛାତ୍ର ପୁଣି ଅଚେତ ହୋଇପଡ଼ିଥିଲେ। ସେମାନଙ୍କୁ ସ୍ଥାନୀୟ ଡାକ୍ତରଖାନା ଓ ପରେ ବ୍ରହ୍ମପୁର ବଡ଼ମେଡିକାଲକୁ ପଠାଯାଇଛି। ଏହି ଘଟଣା ଘଟିଛି କବିସୂର୍ଯ୍ୟନଗର ବ୍ଲକ ଜରଡ଼ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ପିଲାଙ୍କୁ ଜୋରଜବରଦସ୍ତ କୃମିନାଶକ ଔଷଧ ଖାଇବାକୁ ବାଧ କରାଯାଇଥିବା କୁହାଯାଇଛି। ପିଲାଙ୍କ ସ୍ୱାସ୍ଥ୍ୟାବସ୍ଥା ନ ବୁଝି ଔଷଧ ଦେବା ପରେ ପରିସ୍ଥିତି ଅଣାୟତ୍ତ ହୋଇଛି। ଏ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। କେତେଜଣ ଛାତ୍ରୀଙ୍କୁ ଅକ୍ସିଜେନ ଲଗାଯାଇଥିବା ଜଣାପଡିଛି।

### ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କଲେ ନିର୍ବାହୀ ଯନ୍ତ୍ରୀ

ଦିଗପହଣ୍ଡି,୯।୮(ଡି.ଏନ.ଏ.)- ବ୍ରହ୍ମପୁର ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ.ତପନ କୁମାର ପାଣିଗ୍ରାହୀ ଗୁରୁବାର ଦିଗପହଣ୍ଡି ସବ ଡିଭିଜନ ପରିଦର୍ଶନ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପାଣିଗ୍ରାହୀ ପ୍ରଥମେ ଦିଗପହଣ୍ଡି ପୂର୍ତ୍ତ ବିଭାଗ ଉପ ବିଭାଜନ କାର୍ଯ୍ୟାଳୟରେ ପହଞ୍ଚିଲା ପରେ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ଦିଗପହଣ୍ଡି ସବ ଡିଭିଜନ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ବାବୁଲି ଚାନ୍ଦ ଗୌଡ, ସହକାରୀ ଯନ୍ତ୍ରୀ ଇଂ.ଅଶୋକ କୁମାର ପାହାନ ଓ କର୍ମଚାରୀଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଦିଗପହଣ୍ଡି ପୂର୍ତ୍ତ ବିଭାଗ ଉପବିଭାଜନ କାର୍ଯ୍ୟାଳୟ ପକ୍ଷରୁ ନିର୍ମିତ ପଥପ୍ରାନ୍ତ ସେବାକେନ୍ଦ୍ର, ନିର୍ମାଣାଧୀନ ନୂତନ ବସ୍‌ଷ୍ଟାଣ୍ଡ, ସହରର ଡ୍ରେନେଜ ସମସ୍ୟା ଓ ବନ୍ୟାଜଳ ନିଷ୍କାସନ ଉପରେ ଆଲୋଚନା କରିଥିଲେ। ବିଭିନ୍ନ ନିର୍ମାଣାଧୀନ ରାସ୍ତା ପରିଦର୍ଶନ କରି ଉନ୍ନୟନମୂଳକ କାର୍ଯ୍ୟ ତଦାରଖ ପରେ ପୋଡାମାରୀ ଓ ଶେରଗଡ଼ ଉପବିଭାଜନ କାର୍ଯ୍ୟାଳୟରେ ପହଞ୍ଚି ସେଠାକାର ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ପଚାରି ବୁଝିଥିଲେ। ସ୍ୱତନ୍ତ୍ର ଠିକାଦାର ସରୋଜ କୁମାର ପାତ୍ର, ଅବନୀ ଦାସ, ଅଶୋକ ସ୍ୱାଇଁ, ପଦ୍ମନାଭ ମହାରଣା ପ୍ରମୁଖ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ।

# ପାହାଡ଼ରେ ବେଆଇନ ବିସ୍ଫୋରଣ, ୧୨ ଜେଲ ଗଲେ

## ବିସ୍ଫୋରକ ସାମଗ୍ରୀ, ୬ ଟ୍ରାକ୍ଟର, କମ୍ପ୍ରେସର ମେଶିନ ଜବତ

ଦିଗପହଣ୍ଡି,୯।୮(ଡି.ଏନ.ଏ.)



ଜବତ ବିସ୍ଫୋରକ ସାମଗ୍ରୀ ସହ ଗିରଫ ୧୨ ଅଭିଯୁକ୍ତ।

ଦିଗପହଣ୍ଡି ପୋଲିସ କୁକୁଡ଼ାଖଣ୍ଡି ବ୍ଲକ ମହୁଡ଼ା ପାହାଡ଼ର ୨ଟି ପଥର ଖାଦାନରେ ଚଢ଼ାଉ କରି ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ କରିଛି। ଦୀର୍ଘଦିନ ଧରି ପାହାଡ଼ରେ ବେଆଇନ ବିସ୍ଫୋରଣ କରୁଥିବା ଅଭିଯୋଗରେ ୧୨ ଜଣଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ବ୍ରହ୍ମପୁର ବଡ଼ବଜାର ଥାନା ରେଡ଼ିକା ସାହିର ବି. ବାଲାଜୀ ରେଡ୍ଡୀ, ଚନ୍ଦ୍ରଶେଖର ମନ୍ଦିର ସାହିର ଟୁକୁନା ବେହେରା, ବ୍ରହ୍ମପୁର ସଦର ଥାନା ଗୌତମୀ ଗ୍ରାମର ନିରଞ୍ଜନ ଜେନା, ଏନ. ବୁଲୁ ରେଡ୍ଡୀ, ବି. କୃଷ୍ଣ ରେଡ୍ଡୀ, ରମ୍ଭା ଥାନା ମଧୁରଚୁଆ ଗ୍ରାମର ଲକ୍ଷ୍ମଣ ନାହାକ, ଗୋପାଳପୁର ଥାନା ବସନ୍ତ ବିହାର ୪ର୍ଥ ଲେନର କୋରା ସେଠୀ, ଦିଗପହଣ୍ଡି ଥାନା ମହୁଡ଼ା ଗ୍ରାମର ପୁରୁଷୋତ୍ତମ ଚେଣ୍ଟି, ରାଜୁ ଦାସ, ହୀନ ଦଳେଇ, କେ. ସାମନ୍ତରାପୁର ଗ୍ରାମର ଏମ. ରାଘବ ରେଡ୍ଡୀ ଓ ଜି. ସନ୍ତୋଷ ରେଡ୍ଡୀ। ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଅଛନ୍ତି। ନଂ. ୧୪୪ ଓ ୧୪୫/୧୯ରେ ମାମଲା ରୁଜୁ କରାଯାଇ ଗିରଫ ଅଭିଯୁକ୍ତମାନଙ୍କୁ ବ୍ରହ୍ମପୁର ସଦର କୋର୍ଟରେ ହଜାର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଇ ଦିଆଯାଇଛି। ପାହାଡ ଓ ଅଭିଯୁକ୍ତଙ୍କ ଘରୁ ଡ୍ରିଲିଂ, କମ୍ପ୍ରେସର ମେଶିନ, ୫୦ଟି ଜିଲୋଟିନ, ୮୫ ଡିଟୋନେଟର, ଫ୍ୟୁଜ୍ ତାର, ୩ ବାଇକ ସମେତ ବିସ୍ଫୋରଣରେ ବ୍ୟବହୃତ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଥିବା ଦିଗପହଣ୍ଡି ଆଇଆଇସି ଗୌରାଙ୍ଗ ଚରଣ ସାହୁ କହିଛନ୍ତି।

କୁକୁଡ଼ାଖଣ୍ଡି ତହସିଲଦାର ତଥା କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ସୁବାସ ଚନ୍ଦ୍ର ରଉତଙ୍କ ଉପସ୍ଥିତିରେ ଗୁରୁବାର ପୂର୍ବାହ୍ନରେ ମହୁଡ଼ା ଗ୍ରାମ ନିକଟ ବାଲାଜୀ ରେଡ୍ଡୀଙ୍କ ନାଁରେ ଥିବା ପଥରକ୍ୱାରି ଉପରେ ପୋଲିସ ଚଢ଼ାଉ କରିଥିଲା। ସେଠାରୁ ଜିଲୋଟିନ, ଡିଟୋନେଟର, ୩ ବାଇକ, ୫ ଟ୍ରାକ୍ଟର ଜବତ କରାଯାଇଥିଲା। ପରେ ପ୍ରାପ୍ତ ସୂଚନାକୁ ଭିତ୍ତିକରି ଗୋପାଳପୁର ଥାନା ବଡ଼ଗୁମୁଳା ଗ୍ରାମସ୍ଥିତ କୋରା ସେଠୀଙ୍କ ଘରୁ ମଧ ପାହାଡ଼ ଫୁଟାଯିବା ପାଇଁ ଥିବା ବିସ୍ଫୋରକ ଜବତ କରାଯାଇଥିଲା। ପରେ ମହୁଡ଼ା ପାହାଡ଼ରେ ସନ୍ତୋଷ କୁମାର ବେହେରାଙ୍କ ନାଁରେ ଥିବା ପଥରକ୍ୱାରିରେ ଚଢ଼ାଉ କରାଯାଇ ବିସ୍ଫୋରକ ଓ ଟ୍ରାକ୍ଟରରେ ଖଞ୍ଜା ଯାଇଥିବା ଡ୍ରିଲିଂ, କମ୍ପ୍ରେଶର ମେଶିନ ଜବତ କରାଯାଇଥିବା ତଦନ୍ତକାରୀ ପୋଲିସ ଅଧିକାରୀ ଏସ୍‌ଆଇ ମଧୁସ୍ମିତା ପ୍ରଧାନ ଓ ମାଧବ ଚନ୍ଦ୍ର ଟାକରୀ କହିଛନ୍ତି। ବ୍ରହ୍ମପୁର ଅତିରିକ୍ତ ଏସପି ପ୍ରଶାନ୍ତ କୁମାର ମିଶ୍ର, ଚିକିଟି ଏସଡିପିଓ ସୁରେନ୍ଦ୍ର ନାଥ ମୁର୍ମୁ ଦିଗପହଣ୍ଡି ଥାନାରେ ପହଞ୍ଚି ସରଜମିନ ତଦନ୍ତ କରିଛନ୍ତି।

■ ବାଲ୍ୟ ବିବାହ ରୋକିବା, ଶିଶୁ ସୁରକ୍ଷା ପ୍ରସଙ୍ଗ

# ଜିଲାସ୍ତରୀୟ ଟାସ୍କଫୋର୍ସ କମିଟି ଗଠିତ

ଛତ୍ରପୁର,୯।୮(ଡି.ଏନ.ଏ)

ବାଲ୍ୟ ବିବାହ ରୋକିବା ଓ ଶିଶୁ ସୁରକ୍ଷା ପାଇଁ ଗଞ୍ଜାମ ଜିଲାସ୍ତରୀୟ ଟାସ୍କଫୋର୍ସ କମିଟି ଗଠନ ହୋଇଛି। ଶୁକ୍ରବାର ଛତ୍ରପୁରସ୍ଥିତ ଜିଲା ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ ଗୃହରେ 'ବେଟି ବଚାଓ ବେଟି ପଢାଓ ' କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଅନୁଷ୍ଠିତ ବୈଠକରେ ଏହି ଟାସ୍କଫୋର୍ସ କମିଟି ଗଠନ ହୋଇଛି। ବୈଠକରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧକ୍ଷତା କରିଥିଲେ। ଶିଶୁ ସୁରକ୍ଷା, ଶିଶୁର ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟ ଓ କିଶୋର କିଶୋରୀମାନଙ୍କୁ ସଶକ୍ତ କରିବା ପାଇଁ ବିଭିନ୍ନ ବିଷୟ ଉପରେ ଆଲୋଚନା ହୋଇଥିଲା। କମ୍ ବୟସରେ ବିବାହ ଯୋଗୁ କିଶୋରୀ ବିଭିନ୍ନ କ୍ଷେତ୍ରରେ ପଛୁଆ ରହୁଛନ୍ତି। ବିକାଶ ବାଧାପ୍ରାପ୍ତ ହେଉଛି। ବାଲ୍ୟ ବିବାହ ରୋକିବା ପାଇଁ ଜିଲାରେ 'ନିର୍ଭୟା କଢ଼ି' ନାମରେ ଏକ ଯୋଜନା କରାଯିବ। ଏହି ଯୋଜନାରେ ବାଲ୍ୟ ବିବାହ ବିରୋଧରେ ସଚେତନତା ସୃଷ୍ଟି କରାଯିବ। ଏଥିସହ ବାଲ୍ୟ ବିବାହ ବିରୋଧରେ ନିତି ନିର୍ଦ୍ଧାରଣ ଓ ପ୍ରଚଳିତ ଆଇନ୍ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା ପାଇଁ କାମ କରିବ। ଜିଲାରେ ଅନେକ ପିଲା ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ସମାପ୍ତ କରିପାରୁନାହାନ୍ତି। ଅଧାରୁ ପାଠ ବନ୍ଦ ଯୋଗୁ ଶିଶୁ ଶ୍ରମିକ, ଶିଶୁ ଚାଲାଣ, କମ୍ ବୟସରେ ବାହାଘର ଆଦି ସମସ୍ୟା ଦେଖାଦେଉଛି। ଯେଉଁ ପିଲାମାନେ ନିୟମିତ ବିଦ୍ୟାଳୟକୁ ଆସୁନାହାନ୍ତି କିମ୍ବା ଅଧାରୁ ପାଠପଢ଼ା ବନ୍ଦ କରି ଦେଉଛନ୍ତି ତାହାର କାରଣ ଖୋଜି ନିୟମିତ ଉପସ୍ଥାନ ଉପରେ ଗୁରୁତ୍ୱ ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲାରେ ଶିଶୁ ସୁରକ୍ଷା, ଶିଶୁ ଶିକ୍ଷା, ଶିଶୁ ଶ୍ରମିକ ନିରୋଧ, କନ୍ୟାଭ୍ରୁଣ ହତ୍ୟା ରୋକିବା ଓ ବାଲ୍ୟ ବିବାହ ନିଷେଧ ପାଇଁ ଜିଲା ସ୍ତରୀୟ କାର୍ଯ୍ୟ ଖସଡା ପ୍ରସ୍ତୁତ ହୋଇଥିଲା। ବୈଠକରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁବୋଧ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅଟୋ ଓଲଟି ୭ ଛାତ୍ରୀଛାତ୍ର ଆହତ

ଚନ୍ଦ୍ରଗିରି,୯।୮(ଡି.ଏନ.ଏ.)



ଚନ୍ଦ୍ରଗିରି ମେଡ଼ିକାଲରେ ଚିକିତ୍ସାଧୀନ ଆହତ ଛାତ୍ରୀଛାତ୍ର।

ମୋହନା ଥାନା ଜାଲିବାଡି ଗ୍ରାମ ନିକଟରେ ଶୁକ୍ରବାର ସକାଳ ପ୍ରାୟ ସାଢ଼େ ୯ଟାରେ ଏକ ଅଟୋ ଓଲଟି ପଡିବାରୁ ୭ ଛାତ୍ରୀଛାତ୍ର ଆହତ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ଆହତମାନେ ହେଲେ ମଧ୍ୟାସ ଲିମା, ରେହାନ ନାୟକ, ମୋନାଲିସା ପରିଚ୍ଛା, ଲିଲି ବୀର, ସାଇନା ଲିମା, ମଧୁସ୍ମିତା ନାୟକ ଓ ସାହିଲ ଛିଞ୍ଚାଣି। ଗୁରୁତର ଅଲିଫ ବୀରଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି।

ଶିଙ୍କୁଲିପଦର ଗ୍ରାମରୁ ୧୨ ଜଣ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଅଟୋ ଚନ୍ଦ୍ରଗିରି ଯାଉଥିବା ବେଳେ ଚାଳକ ମୋବାଇଲରେ କଥା ହୋଇ ଗାଡ଼ି ଚଳାଉଥିଲେ। ଏହି ସମୟରେ ଜାଲିବାଡ଼ି ଗ୍ରାମ ବୁଲାଣି ରାସ୍ତାରେ ଅଟୋଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାର କରି ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମୋହନା ଏସ୍‌ଆଇ ଆଲୋକ ରଞ୍ଜନ ଜଗଦଳା ସଦଳବଳ ମେଡିକାଲରେ ପହଞ୍ଚି ଆହତଙ୍କ ଅବସ୍ଥା ପଚାରିବା ସହ ଦୁର୍ଘଟଣାଗ୍ରସ୍ତ ଅଟୋକୁ ଜବତ କରି ସ୍ଥାନୀୟ ଫାଣ୍ଡିକୁ ଆଣି ତଦନ୍ତ ଚଳାଇଛନ୍ତି। ଅଟୋ ଚାଳକ ଫେରାର ଅଛନ୍ତି।

### ଫୁଲବାଣୀ, ବ୍ରହ୍ମପୁର ରାୟଗଡ଼ାକୁ ରାସ୍ତା ଖୋଲିଲା

କୋଟଗଡ଼,୯।୮(ଡି.ଏନ.ଏ.)

କନ୍ଧମାଳ ଜିଲାର ବିଭିନ୍ନ ବ୍ଲକରେ ବନ୍ୟା ପରିସ୍ଥିତିରେ ସାମାନ୍ୟ ସୁଧାର ଆସିଛି। ଗୁରୁବାର ପାଣି କମିବା ପରେ ଫୁଲବାଣୀ, ବାଲିଗୁଡା, ବ୍ରହ୍ମପୁର, ରାୟଗଡା ଓ କଳାହାଣ୍ଡିକୁ ଯାତାୟାତ ସ୍ୱାଭାବିକ ହୋଇଛି। କୋଟଗଡ, ତୁମୁଡିବନ୍ଧ, ବେଲଘର, ବାଲିଗୁଡା ବ୍ଲକରେ ପାଣି ପ୍ରବେଶ କରିବାରୁ ବ୍ୟାପକ କ୍ଷୟକ୍ଷତି ଘଟିଛି। ବିଭିନ୍ନ ସ୍ଥାନରେ ପୋଲ ଓ ରାସ୍ତା ଧୋଇ ହୋଇଯାଇଥିବା ଯୋଗୁ ପ୍ରଶାସନ ପକ୍ଷରୁ ରାସ୍ତା ମରାମତି କାମ ଆରମ୍ଭ ହୋଇଛି।

# ଅପରାଧ ସମୀକ୍ଷା କଲେ ଏସ୍‌ପି



ବୈଠକରେ ଉପସ୍ଥିତ ଏସ୍‌ପି ଓ ଅନ୍ୟମାନେ।

ଛତ୍ରପୁର,୯।୮(ଡି.ଏନ.ଏ)

ଛତ୍ରପୁରସ୍ଥିତ ଏସ୍‌ପିଙ୍କ ସମ୍ମିଳନୀ ଗୃହରେ ଶୁକ୍ରବାର ଆସିକା ଓ ଭଞ୍ଜନଗର ଉପଖଣ୍ଡସ୍ତରୀୟ ଅପରାଧ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଞ୍ଜାମ ଏସପି ବ୍ରିଜେଶ କୁମାର ରଏ ଅଧକ୍ଷତା କରିଥିଲେ। ଥାନାୱାରି ଅପରାଧ ସମୀକ୍ଷା କରାଯାଇଥିଲା। ପୁରୁଣା ଅପରାଧୀଙ୍କ ଉପରେ ନଜର ରଖିବା, ନିୟମିତ ପାଟ୍ରୋଲିଂ କରିବା, ଗାଡି ଓ ହେଲମେଟ୍ ଯାଞ୍ଚ, ଅବକାରୀ ଚଢାଉ କରିବାକୁ କୁହାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସପି ପତିତପାବନ ଚୌଧୁରୀଙ୍କ ସମେତ ଏସ୍‌ଡିପିଓ ଓ ଥାନାଅଧିକାରୀ ମାନେ ଯୋଗ ଦେଇଥିଲେ।

# ୭୮ ଟାଟା ବିସ୍ଥାପିତ ଶ୍ରମିକଙ୍କୁ ମିଳିଲା ଜାମିନ୍

ଛତ୍ରପୁର,୯।୮(ଡି.ଏନ.ଏ.)

ଚମାଖଣ୍ଡି ଥାନା ଅଧୀନ ଟାଟା ପ୍ରକଳ୍ପରେ ଜୁନ୍ ୨୭ରେ ଶ୍ରମିକ ଅଶାନ୍ତି ଦେଖାଦେଇଥିଲା। ପରେ ରାତିରେ ଟାଟା ପ୍ରକଳ୍ପରେ ଭଙ୍ଗାରୁଜା ହୋଇଥିଲା। ଭଙ୍ଗାରୁଜା ମାମଲା ସହ ପୋଲିସ ଓ ଟାଟା ପ୍ରକଳ୍ପ କାର୍ଯ୍ୟରେ ବାଧା ଦେବା ନେଇ ଚମାଖଣ୍ଡି ପୋଲିସ ୪ଟି ମାମଲା ରୁଜୁ କରିଥିଲା। ପରେ ୭୮ ଜଣ ବିସ୍ଥାପିତ ତଥା ଶ୍ରମିକଙ୍କୁ ଜୁଲାଇ ୩୦ରେ ଚମାଖଣ୍ଡି ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପୃଥକ ମାମଲାରେ ୭୮ ଜଣ ଟାଟା ପ୍ରକଳ୍ପ ବିସ୍ଥାପିତ ତଥା ଶ୍ରମିକଙ୍କୁ ଜାମିନ୍ ମିଳିଛି। ଟାଟା ପ୍ରକଳ୍ପରେ ଭଙ୍ଗାରୁଜା ଓ ଆକ୍ରମଣ ମାମଲାରେ ୨୬ ଜଣଙ୍କୁ ଶୁକ୍ରବାର ଛତ୍ରପୁର ଏଡିଜେ ଶିଖାରାଣୀ ରଥ ଜାମିନ୍ ପ୍ରଦାନ କରିଛନ୍ତି। ପ୍ରତ୍ୟେକ ଶ୍ରମିକଙ୍କୁ ୨୫ ହଜାର ଟଙ୍କାର ବଣ୍ଡ୍ ଓ ଜଣେ ଲେଖାଏଁ ଜାମିନଦାରରେ ଜାମିନ୍ ମିଳିଛି। ପୂର୍ବରୁ ଏମାନଙ୍କ ଜାମିନ୍ ଆବେଦନକୁ ଛତ୍ରପୁର ଏସଡିଜେଏମ୍ ଖାରଜ କରିଦେଇଥିଲେ। ପରେ ଏମାନେ ଏଡିଜେ କୋର୍ଟରେ ଆବେଦନ କରିଥିଲେ। ସେହିପରି ପୋଲିସ କାର୍ଯ୍ୟ ଓ ଟାଟା ପ୍ରକଳ୍ପ କାମରେ ବାଧାଦେବା ଆଦି ନେଇ ମାମଲାରେ ୫୨ ଜଣଙ୍କୁ ଛତ୍ରପୁର ଏସଡିଜେଏମ୍ ଜାମିନ୍ ପ୍ରଦାନ କରିଛନ୍ତି। ପ୍ରତ୍ୟେକଙ୍କୁ ୧୦ ହଜାର ଟଙ୍କାର ବଣ୍ଡ୍ ଓ ଜଣେ ଲେଖାଏଁ ଜାମିନଦାରରେ ଜାମିନ୍ ମିଳିଛି।

# ଟାଟା ପ୍ରକଳ୍ପରେ କାମ ଚାଲୁ କରିବାକୁ ଶ୍ରମିକ ସଂଘର ଦାବି

ଛତ୍ରପୁର,୯।୮(ଡି.ଏନ.ଏ.)

ଟାଟା ପ୍ରକଳ୍ପ ରେ କାର୍ଯ୍ୟ ଚାଲୁ କରିବା ପାଇଁ ପ୍ରକଳ୍ପର ପ୍ରଭାବିତ ଶ୍ରମିକ ସଂଘ ପକ୍ଷରୁ ଦାବି ହୋଇଛି। ଏସମ୍ପର୍କରେ ଶୁକ୍ରବାର ଜିଲାପାଳଙ୍କୁ ଏକ ସ୍ମାରକପତ୍ର ସଂଘ ପକ୍ଷରୁ ପ୍ରଦାନ କରାଯାଇଛି। ଏମାନଙ୍କ କହିବାନୁଯାୟୀ ପ୍ରକଳ୍ପ ପ୍ରଭାବିତ ଗାଁ ଗୁଡିକର ଲୋକେ ଶ୍ରମିକ ଓ କର୍ମଚାରୀ ଭାବେ ଠିକାଦାର ଜରିଆରେ କାମ କରିଆସୁଛନ୍ତି। ମାତ୍ର ଅନ୍ୟ ଶ୍ରମିକ ମାନଙ୍କ ଅଶାନ୍ତି ପାଇଁ ଜୁଲାଇ ୩୦ରୁ ଏହି ପ୍ରକଳ୍ପ ବନ୍ଦ ରହିଛି। ଫଳରେ ପରିବାର ପ୍ରତିପୋଷଣ ଓ ଜୀବନ ଜୀବିକା ବିଶେଷଭାବେ ପ୍ରଭାବିତ ହୋଇଛି। ଏଣୁ ଟାଟା କମ୍ପାନୀ କର୍ତ୍ତୃପକ୍ଷ ଓ ଜିଲାପ୍ରଶାସନ ମିଳିତ ଭାବେ ଏହାର ସ୍ଥାୟୀ ସମାଧାନ କରିବାକୁ ସଂଘ ଦାବି କରିଛି।

# ବ୍ଲକ ପରିଦର୍ଶନ କଲେ ଜିଲାପାଳ

ଧରାକୋଟ,୯।୮(ଡି.ଏନ.ଏ.)

ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଧରାକୋଟ ବ୍ଲକ ପରିଦର୍ଶନ କରିଛନ୍ତି। ଏଥିସହ ବ୍ଲକ କାର୍ଯ୍ୟାଳୟ ବିଡିଓଙ୍କ ପ୍ରକୋଷ୍ଠରେ ବସି ବିଭିନ୍ନ ଅଧୁରା କାର୍ଯ୍ୟ ଓ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ସରକାରୀ ରେକର୍ଡର ଯାଞ୍ଚ କରିଥିଲେ। ଅଧୁରା କାମକୁ ଶୀଘ୍ର ସାରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହା ସହ ଧରାକୋଟସ୍ଥିତ କୁଶଗୁମା ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ପରିଦର୍ଶନରେ ଯାଇ ସପ୍ତମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟକ୍ରମର ତଦାରଖ କରିବା ସହ ବିଦ୍ୟାଳୟର ସମସ୍ୟା ବିଷୟରେ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ପଚାରି ଶୀଘ୍ର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପରେ ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇ ବିଭିନ୍ନ ପ୍ରଶ୍ନ ପଚାରିଥିଲେ।ଏହା ସହ ସ୍କୁଲ ପରିସରରେ ଚାରାରୋପଣ କରିବାକୁ ପରାମର୍ଶ ଦେଇଥିଲେ। ପରିଦର୍ଶନରେ ସ୍ଥାନୀୟ ବିଡିଓ ଅଜୟ କୁମାର ପ୍ରଧାନ, ସ୍ଥାନୀୟ ତହସିଲଦାର ଗଦାଧର ପାତ୍ର, ଏବିଡିଓ ପୂର୍ଣ୍ଣଚନ୍ଦ୍ର ପାଢ଼ୀଙ୍କ ସମେତ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ। ଜିଲାପାଳଙ୍କ ଗସ୍ତ ପରେ ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ ଧରାକୋଟ ବ୍ଲକ ଓ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ବିଭିନ୍ନ ବିଷୟ ଉପରେ ମଧ ସମୀକ୍ଷା କରିଛନ୍ତି।

# କୃମିନାଶ ଔଷଧ ସେବନ ସଚେତନତା

ଦିଗପହଣ୍ଡି,୯।୮(ଡି.ଏନ.ଏ.)

ସ୍ଥାନୀୟ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ଗୁରୁବାର ଜାତୀୟ କୃମିନାଶକ ଔଷଧ ସେବନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ ଆନୁକୂଲ୍ୟରେ ବମକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଦିଗପହଣ୍ଡି ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଓ ଦିଗପହଣ୍ଡି ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟର ମିଳିତ ସଂଯୋଜନାରେ କୃମିନାଶକ ଔଷଧ ବଣ୍ଟନ ଓ ସେବନର ଶୁଭାରମ୍ଭ କରାଯାଇଥିଲା। କାର୍ଯ୍ୟକ୍ରମରେ ବମକୋଇ ମେଡିକାଲ ଚିକିତ୍ସକ ଡାକ୍ତର ମଧୁସୂଦନ ପାଣିଗ୍ରାହୀ, ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀ ଅନୀତା ପ୍ରଧାନ, ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ସୁକାନ୍ତ କୁମାର ନାୟକ, ପ୍ରଧାନ ଶିକ୍ଷକ ଶିଶିର କୁମାର ଦାସ, ଫାର୍ମାସିଷ୍ଟ ଜିତେନ୍ଦ୍ର କୁମାର ଦାସ ପ୍ରମୁଖ ଛାତ୍ରୀମାନଙ୍କୁ ଔଷଧ ବଣ୍ଟନ କରିଥିଲେ।




2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ